## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଉତ୍କଳ ସମ୍ମିଳନୀ ପକ୍ଷରୁ ପବିତ୍ର ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ, ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କାର୍ଯ୍ୟାଳୟ, ପୂର୍ବାହ୍ନ ୧୧ଟା ୩୦।

କଟକ

- ସାରଳା ସାହିତ୍ୟ ସଂସଦ ଓ ଉତ୍କଳ ସାହିତ୍ୟ କଳା ପରିଷଦ ପକ୍ଷରୁ ନୂଆଁ ଖାଇ ଭେଟ ଘାଟ ପାଳନ, ସାରଳା ଭବନ, ପୂର୍ବାହ୍ନ ୧୦ ଟା।

## ଶ୍ରୀମନ୍ଦିରରେ ଗଣେଶ ଚତୁର୍ଥୀ ନୀତି

**ପୁରୀ ଅଫିସ, ୩୧।୮:** ଶ୍ରୀମନ୍ଦିରରେ ବୁଧବାର ଗଣେଶ ଚତୁର୍ଥୀ ପାଳିତ ହୋଇଯାଇଛି। ଶ୍ରୀବିଗ୍ରହମାନଙ୍କ ସନ୍ଧ୍ୟା ଧୂପ ବଢ଼ିବା ପରେ ଶ୍ରୀମନ୍ଦିର ଭିତରବେଢ଼ା ପରିସରସ୍ଥ ବଟ ଗଣେଶଙ୍କ ନିକଟରେ ଶୀତଳ ଭୋଗ ମଣୋହି ହୋଇ ବନ୍ଦାପନା ଅନୁଷ୍ଠିତ ହୋଇଥିଲା। ପରେ ଦେବୀ ସରସ୍ୱତୀ ଓ ଭୁବନେଶ୍ୱରୀଙ୍କ ପାଖରେ ଶୀତଳ ଭୋଗ ଓ ବନ୍ଦାପନା ନୀତି ସମ୍ପନ୍ନ ହୋଇଥିଲା। ଏହା ପରେ ବେହେରଣ କରଣଙ୍କ ମାଦଳା ପାଞ୍ଜିକୁ ଭଦ୍ରାସନ ଉପରେ ବିଜେ କରାଯାଇ ପତନୀ ଓ ପୁଷ୍ପମାଲ୍ୟ ସହ ପୂଜାର୍ଚ୍ଚନା କରାଯାଇଥିଲା। ଏଠାରେ ଶୀତଳ ଭୋଗ ଓ ବନ୍ଦାପନା ନୀତି ସମ୍ପନ୍ନ ହେବା ପରେ ବେହେରଣ କରଣଙ୍କ ଦ୍ୱାରା ୨୨ଟି ନଡ଼ିଆ ଭଙ୍ଗାଯାଇଥିଲା। ସେହିପରି ଶ୍ରୀମନ୍ଦିରରେ ଅନ୍ୟାନ୍ୟ ନୀତି ବଢ଼ି ଶ୍ରୀବିଗ୍ରହମାନଙ୍କ ରାତ୍ର ପହୁଡ଼ ହୋଇଥିଲା।

## ବଟି ଆଦାୟ: ୩ କୋର୍ଟ ଚାଲାଣ

**କଟକ ଅଫିସ, ୩୧।୮:** ଦାଦାବଟି ଆଦାୟ ଅଭିଯୋଗରେ ବାଦାମବାଡ଼ି ପୋଲିସ ୩ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଝାଞ୍ଜିରୀମଙ୍ଗଳା ଖଣ୍ଡାୟତସାହିର ବବୁଲୁ ଓରଫ ମରତ ସାମନ୍ତରାୟ, ଶଙ୍କରପୁର ଡିହସାହିର ମିନୁଆ ପରିଡ଼ା ଓ ବିକା ଓରଫ ବିକି ସେଠୀ। କିଶନନଗର ଥାନା ଅନ୍ତର୍ଗତ ହରିପୁରର ରାଜା ପାତ୍ର ବାଦାମବାଡ଼ି ବସ୍‌ଷ୍ଟାଣ୍ଡ ନିକଟ ଏକ ଲୁଗା ଦୋକାନରେ କାମ କରନ୍ତି। ବୁଧବାର ପୂର୍ବାହ୍ନରେ ନିକଟସ୍ଥ ଏକ ଦୋକାନର ମାଲିକ ତାଙ୍କୁ ଦାଦାବଟି ଦେବାକୁ କହିଥିଲେ। ସେ ମନା କରିବାରୁ ଅଭିଯୁକ୍ତମାନେ ତାଙ୍କୁ ଗାଳିଗୁଲଜ କରିବା ସହ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ.୨୪୮/୨୨) ରୁଜୁ କରିଛି।

# ନିଖୋଜ ବୃଦ୍ଧଙ୍କୁ ଅଜଗର ଗିଳିଥିବା ଚର୍ଚ୍ଚା

ଭୁବନେଶ୍ୱର, ୩୧।୮(ବ୍ୟୁରୋ)

କଟକ ଜିଲା ବାଙ୍କୀ ସବ୍‌ଡିଭିଜନ ଅନ୍ତର୍ଗତ ଡମପଡ଼ା ଅଭୟାରଣ୍ୟ ଭିତରେ ଜଣେ ବୃଦ୍ଧଙ୍କୁ ଏକ ଅଜଗର ଗିଳିଦେଇଥିବା ଖବର ମଙ୍ଗଳବାରଠାରୁ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଯଦିଓ ସାପଟି ମଣିଷକୁ ଗିଳିବା ବା ଧରିବା କେହି ଦେଖିନାହାନ୍ତି, କିନ୍ତୁ ଭାଇରାଲ ଭିଡିଓରେ ଥିବା ଉକ୍ତ ଅଜଗର ମଣିଷ ମୋଟାର କିଛି ଗୋଟେ ଗିଳିଥିବା ଦେଖିବାକୁ ମିଳୁଛି। ପୁଣି ଠିକ୍ ଏହି ସମୟରେ ଜଣେ ବ୍ୟକ୍ତିଙ୍କ ପତ୍ତା ନ ମିଳିବା ଓ ତାଙ୍କ ବାଇକ୍ ଜଙ୍ଗଲରୁ ଠାବ ହେବା ଘଟଣା ଏଭଳି ସନ୍ଦେହକୁ ଦୃଢ଼ୀଭୂତ କରୁଛି।

ସୂଚନାନୁସାରେ, ଗତ ୨୯ ତାରିଖ ସକାଳ ପ୍ରାୟ ୮ଟାରେ ଡମପଡ଼ା ଅଭୟାରଣ୍ୟର ପ୍ରବେଶ ପଥ ଜାରିଆ ନିକଟସ୍ଥ ଚେକ୍ ଗେଟ୍‌ରେ କେତେଜଣ ଶ୍ରମିକ ପହଞ୍ଚି ଏକ ମୋପେଡ ଗାଡ଼ି ବେଙ୍ଗପାଣି ଘାଟି ନିକଟରେ ମୁଖ୍ୟ ରାସ୍ତାରୁ ଖସି ପଡ଼ିଥିବା ନେଇ ସୂଚନା ଦେଇଥିଲେ। ଏପରିକି ଉକ୍ତ ଗାଡ଼ି ନିକଟରେ କେହି ଲୋକ ନାହାନ୍ତି, ପାଖର କିଛି ପିନ୍ଧା ଲୁଗା ଓ ଜରି ପଡ଼ିଥିବା କହିଥିଲେ। ସଙ୍ଗେସଙ୍ଗେ ଡମପଡ଼ା ରେଞ୍ଜ୍ ଅଧିକାରୀ ବିରାଜ ଦାସଙ୍କ ନିର୍ଦ୍ଦେଶରେ ଫରେଷ୍ଟର ଓ ଗାର୍ଡ ତୁରନ୍ତ ଘଟଣାସ୍ଥଳକୁ ଯାଇଥିଲେ। ଏଥିସହ ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଗାଡ଼ିଟି ମୁଖ୍ୟ ରାସ୍ତାର ପ୍ରାୟ ୧୫ ଫୁଟ ତଳକୁ ଖସି



ଭାଇରାଲ ହୋଇଥିବା ଅଜଗର ଫଟୋ।

### ଖବରକୁ ବିଶେଷଜ୍ଞଙ୍କ ଅଗ୍ରାହ୍ୟ

ପଡ଼ିଥିଲା। ପୋଲିସ ଓ ବନ କର୍ମଚାରୀ ଅନେକ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ବ୍ୟକ୍ତିଙ୍କୁ ନ ପାଇବାରୁ ମଙ୍ଗଳବାର ପୋଲିସ ସନ୍ଧାନୀ କୁକୁରର ସହାୟତା ନେଇଥିଲେ। ସନ୍ଧାନୀ କୁକୁର ବେଙ୍ଗପାଣି ଘାଟିରୁ ନିଖୋଜ ବ୍ୟକ୍ତିଙ୍କ ପିନ୍ଧା ଲୁଗା ଶୁଙ୍ଘିବା ପରେ ଜାରିଆ ଶବର ସାହି ଅଞ୍ଚଳକୁ ଯାଇଥିଲା। ତେବେ ସନ୍ଧାନୀ କୁକୁର ସହ ଡଗ୍ ସ୍କ୍ୱାଡ୍ ସକାଳ ୮ଟାରୁ ୧୦ଟା ପର୍ଯ୍ୟନ୍ତ ଖୋଜାଖୋଜି କରି ଫେରି ଆସିଥିଲେ। ସେହି ସମୟରେ ନିକଟସ୍ଥ ଗ୍ରାମର ନିଖୋଜ ବୃଦ୍ଧ ନନ୍ଦ କିଶୋର ବେହେରାଙ୍କ ପରିବାର ଲୋକ ଖବର ପାଇବା ପରେ ମଙ୍ଗଳବାର ପ୍ରାୟ ୫୦ଜଣ ଲୋକଙ୍କୁ ପାରିଶ୍ରମିକ ଦେଇ ଜଙ୍ଗଲ ଭିତରେ ଖୋଜିଥିଲେ। ଦେଉଳିଆ ମୁଣ୍ଡିଆ ପାହାଡ଼ରେ ଦିନ ପ୍ରାୟ ୨ଟାବେଳେ ଏକ ଅଜଗର କିଛି ଗୋଟେ



ଜଙ୍ଗଲରେ ପଡ଼ିଥିବା ଦୁର୍ଘଟଣଗ୍ରସ୍ତ ଗାଡ଼ି।

ଗିଳିଥିବା ଦେଖିଥିଲେ। ଖବର ପାଇ ବନ କର୍ମଚାରୀମାନେ ସେଠାରେ ପହଞ୍ଚିଥିଲେ। ସାପଟିର ଲମ୍ବ ପ୍ରାୟ ୧୦ରୁ ୧୨ଫୁଟ ଓ ତା'ର ପେଟ ପ୍ରାୟ ୩ ଫୁଟ ପର୍ଯ୍ୟନ୍ତ ଫୁଲିଥିବା ଦେଖାଯାଇଥିଲା। ଏ ନେଇ ରେଞ୍ଜ୍ ଅଧିକାରୀ ଦାସ କହିଛନ୍ତି, ନିଖୋଜ ବ୍ୟକ୍ତିଙ୍କ ଗାଡ଼ି ମିଳିଥିବା ସ୍ଥାନ ବେଙ୍ଗପାଣି ଘାଟି ଓ ଅଜଗର ଦେଖାଯାଇଥିବା ସ୍ଥାନ ଭିତରେ ଅତି କମ୍‌ରେ ୨ କି.ମି. ଦୂରତା ହେବ। ତାହା ବି ଗୋଟିଏ ପାହାଡ଼ରୁ ଓହ୍ଲାଇ ଆଉଏକ ପାହାଡ଼ ଚଢ଼ିବାକୁ ପଡ଼ିବ। କିନ୍ତୁ ଅଜଗର ମଣିଷ ଭଳି ଏତେବଡ଼ ଜୀବ ଖାଇଲେ ସାଧାରଣତଃ ପଥର ଖୋଲରେ ଲୁଚିକି ରହିବ। ଏତେ ଓଜନ ଶରୀରକୁ ନେଇ ଚଳପ୍ରଚଳ କରିବା ସମ୍ଭବ ହେବ ନାହିଁ। ତଥାପି ନିଖୋଜ ବ୍ୟକ୍ତିଙ୍କ ପାଇଁ ଆମର ସମବେଦନା ରହିଛି। ଆମ କର୍ମଚାରୀମାନେ ତାଙ୍କୁ ଦିନ ତମାମ ଖୋଜୁଛନ୍ତି। ସେପଟେ ଏ ଘଟଣାକୁ ଅନୁଧ୍ୟାନ କରିବା ପାଇଁ ବୁଧବାର ସ୍ନେକ୍ ହେଲ୍ପଲାଇନର ୫ଜଣିଆ ଟିମ୍ ଘଟଣାସ୍ଥଳକୁ ଯାଇଥିଲେ। ତାଙ୍କ ସହିତ ଦୁଇଜଣ ବନ କର୍ମଚାରୀ ମଧ୍ୟ ଯାଇଥିଲେ। କିନ୍ତୁ ସେଠାରେ ଅଜଗର ସାପ ଦେଖାଯାଇ ନ ଥିଲା। ସାପର ଘୋଷରା ଦାଗ ସହିତ ମଳତ୍ୟାଗ କରିଥିବା ଦେଖିବାକୁ ମିଳିଥିଲା। ଏ ନେଇ ହେଲ୍ପଲାଇନ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି, ୧୦-୧୨ଫୁଟ ଅଜଗର ହୁଏତ ଏକ ସାଢ଼େ ୫ ଫୁଟରୁ ଅଧିକ ଲମ୍ବର ପ୍ରାପ୍ତବୟସ୍କ ବ୍ୟକ୍ତିଙ୍କୁ ମାରିବାକୁ ସକ୍ଷମ ହୋଇପାରିବ। କିନ୍ତୁ ଗିଳିବା ସମ୍ଭବ ନୁହେଁ। ଖାଲି ଓଡ଼ିଶା ନୁହେଁ, ଭାରତୀୟ ଅଜଗର ଭାରତ ବା ଅନ୍ୟ କେଉଁଠି ମଣିଷକୁ ଗିଳିଥିବା ନଜିର ନାହିଁ। ଅଜଗର ଖାଇଛି ବୋଲି ଭାବି ସେ ଦିଗରେ ମାତିଲେ ଆମେ ନିଖୋଜ ବ୍ୟକ୍ତିଙ୍କଠାରୁ ଦୂରେଇଯିବା ଏବଂ ତାଙ୍କ ଜୀବନ ଅଧିକ ବିପନ୍ନ ହୋଇପଡ଼ିବ। ତେବେ ଅଜଗରଟି ମଣିଷ ଖାଇଛି କି ନାହିଁ ତାହା ନିଶ୍ଚିତ କରିବା ପାଇଁ ଏକ୍ସ-ରେ କରିବାକୁ ପଡ଼ିବ ବୋଲି ଶୁଭେନ୍ଦୁ କହିଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଲିପି





@ ରଞ୍ଜିତ



@ ମିଥୁନ



@ ମାୟାଧର



@ ସରୋଜ





ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଉପଲକ୍ଷେ ବୁଧବାର ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।

## ଆଜି ମହାଲକ୍ଷ୍ମୀ ପାଳିବେ ଋଷିପଞ୍ଚମୀ ବ୍ରତ

ପୁରୀ ଅଫିସ, ୩୧।୮

ଶ୍ରୀମନ୍ଦିରରେ ଗୁରୁବାର ଋଷି ପଞ୍ଚମୀ ନୀତି ଅନୁଷ୍ଠିତ ହେବ। ଶ୍ରୀଦେବୀ (ମହାଲକ୍ଷ୍ମୀ) ମାର୍କଣ୍ଡେୟ ଋଷିଙ୍କ ଆଶ୍ରମକୁ ଯାଇ ଋଷିପଞ୍ଚମୀ ବ୍ରତ ପାଳନ କରିବେ। ସକାଳ ଧୂପ ବଢ଼ିବା ପରେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ ମହାଲକ୍ଷ୍ମୀ ଆଜ୍ଞାମାଳ ପାଇ ମହାଜନ ସେବକଙ୍କ ହସ୍ତରେ ସାତପାହାଚସ୍ଥିତ ପାଲିଙ୍କିରେ ବିଜେ ହୋଇ ମାର୍କଣ୍ଡେୟ ମନ୍ଦିର ଅଭିମୁଖେ ଯିବେ। ସେଠାରେ ମାଜଣା, ବନକଲାଗି ପରେ ପୂଜାପଣ୍ଡାମାନେ ଋଷିପଞ୍ଚମୀ ବ୍ରତ କଥା ପାଠ କରିବେ। ଏହାପରେ ଶୀତଳ ଭୋଗ ମଣୋହି କରାଯାଇ ବନ୍ଦାପନା ହେବ। ନୀତି ସମ୍ପନ୍ନ ପରେ ମହାଲକ୍ଷ୍ମୀ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିବେ।

# ନଷ୍ଟ ହେଲା କୋଟିଏ ଟଙ୍କାର ଗଞ୍ଜେଇ

ଭୁବନେଶ୍ୱର,୩୧।୮ (ବ୍ୟୁରୋ)

- ରାଜ୍ୟରେ ପ୍ରଥମଥର ପୋଡ଼ାଗଲା ୯୮୦ କେଜି ଗଞ୍ଜେଇ
- ଜୁନ୍‌ରେ ୨ଥର ବ୍ରାଉନସୁଗାର ନଷ୍ଟ ହୋଇଥିଲା

ମାମଲାର ବିଚାର ପୂର୍ବରୁ କ୍ରାଇମ୍‌ବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ(ଏସ୍‌ଟିଏଫ୍) ଜବତ କରିଥିବା ୯୮୦ କେଜି ଗଞ୍ଜେଇକୁ ପୋଡ଼ି ନଷ୍ଟ କରିଛି। ଏହାର ଆନୁମାନିକ ମୂଲ୍ୟ ୧ କୋଟି ଟଙ୍କା ହେବ। ଏତେ ପରିମାଣର ଗଞ୍ଜେଇ ନଷ୍ଟ ହେବା ରାଜ୍ୟର ପ୍ରଥମ ଘଟଣା ବୋଲି କୁହାଯାଉଛି। ତେବେ ଏହାପୂର୍ବରୁ ଗତ ଜୁନ ଦ୍ୱିତୀୟ ସପ୍ତାହରେ ୧କୋଟି ଟଙ୍କାର ବ୍ରାଉନ୍‌ସୁଗାର ଓ ଶେଷ ସପ୍ତାହରେ ୭ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ରାଉନ୍‌ସୁଗାର ନଷ୍ଟ କରାଯାଇଥିଲା। ୟୁନିୟନ୍ ଅଫ୍ ଇଣ୍ଡିଆ ବନାମ୍ ମୋହନଲାଲ ମାମଲାରେ ୨୦୧୬ ଜାନୁୟାରୀ ୨୮ରେ ସୁପ୍ରିମକୋର୍ଟ ରାୟ ପ୍ରକାଶ କରି ଟ୍ରାଏଲ ପୂର୍ବରୁ ବ୍ରାଉନ୍‌ସୁଗାର ଏବଂ ଅନ୍ୟାନ୍ୟ ନିଶାଦ୍ରବ୍ୟ ନଷ୍ଟ କରାଯାଇପାରିବ ବୋଲି ନିର୍ଦ୍ଦେଶ ଦେଇଥିଲେ। ହେଲେ କିଛି ବ୍ୟବସ୍ଥା ଓ ବୈଷୟିକ ତ୍ରୁଟି ପାଇଁ ଏହା କାର୍ଯ୍ୟକାରୀ ହୋଇପାରୁ ନ ଥିଲା। ତେଣୁ ଏସ୍‌ଟିଏଫ୍ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ୨୦୨୨ ଜାନୁୟାରୀ ୩୧ରେ ହାଇକୋର୍ଟ ରାୟ ପ୍ରକାଶ କରି ନିଶାଦ୍ରବ୍ୟ ନଷ୍ଟ କରିବାକୁ ଏକ ଏସ୍‌ଓପି ଜାରି କରିଥିଲେ। ଉକ୍ତ ଏସ୍‌ଓପିକୁ ପାଳନ କରି ଟ୍ରାଏଲ ପୂର୍ବରୁ ନିଶାଦ୍ରବ୍ୟକୁ ନଷ୍ଟ କରିବାକୁ ପୋଲିସକୁ ଅନୁମତି ଦେବାପାଇଁ ତଳ କୋର୍ଟକୁ ନିର୍ଦ୍ଦେଶ ଦେଇଥିଲେ। ତେବେ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ୨୦୨୧ ଅଗଷ୍ଟ ୧୩ରେ ମାମଲା ନଂ.୨୯/୨୦୨୧ରେ ଜବତ ହୋଇଥିବା ୯୮୦ କେଜି ଗଞ୍ଜେଇକୁ ନିଶାଦ୍ରବ୍ୟ ନିଷ୍କ୍ରିୟକାରୀ କମିଟିକୁ ହସ୍ତାନ୍ତର କରାଯାଇଥିଲା। ଏସ୍‌ଟିଏଫ୍ ଏସ୍‌ପିଙ୍କ ନେତୃତ୍ୱରେ ଡିଏସ୍‌ପି, ଖୋର୍ଦ୍ଧା ଉପଜିଲାପାଳ ଓ ଖୋର୍ଦ୍ଧା ଅବକାରୀ ଏସ୍‌ପିଙ୍କୁ ନେଇ କମିଟି ଗଠିତ ହୋଇଥିଲା। ମଙ୍ଗଳବାର କମିଟି ସଦସ୍ୟଙ୍କ ସହ ରାଜ୍ୟ ଫୋରେନ୍‌ସିକ୍ ଲାବୋରେଟୋରିର ଅଧିକାରୀ ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସଦସ୍ୟଙ୍କ ଉପସ୍ଥିତିରେ ଖୋର୍ଦ୍ଧାର ଏକ ସରକାରୀ ସ୍ୱୀକୃତିପ୍ରାପ୍ତ ବର୍ଜ୍ୟବସ୍ତୁ ପରିଚାଳନା ସଂସ୍ଥାରେ କୋର୍ଟଙ୍କ ଏସ୍‌ଓପି ଅନୁଯାୟୀ ଉକ୍ତ ଗଞ୍ଜେଇକୁ ଜାଳି ଦିଆଯାଇଥିଲା।

# ଗୃହରକ୍ଷୀଙ୍କୁ ଭୁଜାଲିରେ ଆକ୍ରମଣ

ପୁରୀ ଅଫିସ, ୩୧।୮

### ୪ ଅଭିଯୁକ୍ତ ଫେରାର

ପୁରୀ ମାଟିତୋଟା ଅଞ୍ଚଳରେ ଗୃହରକ୍ଷୀ ଦୀପକ ମାଝିଙ୍କୁ ୪ଜଣ ଦୁର୍ବୃତ୍ତ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏନେଇ ଦୀପକ ବୁଧବାର ବାସେଳିସାହି ଥାନାରେ ଏତଲା ଦେଇଛନ୍ତି। ଦୀପକ ବାସେଳୀ ସାହି ଥାନା ଭ୍ୟାନର ଡ୍ରାଇଭର ଭାବେ କାର୍ଯ୍ୟରତ ଥିବା ବେଳେ ମାଟିତୋଟାଠାରେ ୪ଜଣ ଅଜ୍ଞାତ ଯୁବକ ତାଙ୍କୁ ଭୁଜାଲିରେ ଆକ୍ରମଣ କରିଥିଲେ। ତାଙ୍କ ଆଖିପତା ସାମାନ୍ୟ ଫାଟି ଯାଇଥିବାବେଳେ ବେକ ଓ କାନ୍ଧରେ ଆଘାତ ଲାଗିଛି। ଏହାପରେ ତାଙ୍କୁ ସନ୍ଧ୍ୟା ସାଢ଼େ ୭ଟାରେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା।

ଏ ନେଇ ବାସେଳିସାହି ଥାନା ଆଇଆଇସି କୁଳମଣି ସେଠୀ କହିଛନ୍ତି, ଗୃହରକ୍ଷୀ ଦୀପକଙ୍କ ଉପରକୁ ଆକ୍ରମଣ ହୋଇଥିବା ନେଇ ଅଭିଯୋଗ ଦାଖଲ ହୋଇଛି। ୪ଜଣ ଯାକ ଅଭିଯୁକ୍ତ ଏବେ ଫେରାର ଅଛନ୍ତି। କେଉଁ କାରଣରୁ ଆକ୍ରମଣ ହୋଇଛି, ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ପୋଲିସ ତଦନ୍ତ ଜାରି ରଖିଛି। ଅନ୍ୟପକ୍ଷରେ ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଦୀପକ ଓ ସମ୍ପୃକ୍ତ ଯୁବକମାନଙ୍କ ମଧ୍ୟରେ ପ୍ରଥମେ ବଚସା ଓ ପରେ ଗଣ୍ଡଗୋଳ ହୋଇଥିଲା। ଉଭୟ ପକ୍ଷ ପରସ୍ପରକୁ ଆକ୍ରମଣ କରିଥିଲେ। ତେବେ ପ୍ରଥମେ କିଏ ଆକ୍ରମଣ କଲେ ଓ କାହିଁକି ଝଗଡ଼ା ହେଲା ସେ ସମ୍ପର୍କରେ ଜଣାନାହିଁ। ଉଲ୍ଲେଖଯୋଗ୍ୟ, କିଛିଦିନ ତଳେ ଦୀପକ ଜଣେ ଅଭିଯୁକ୍ତଙ୍କ ଘରେ ପଶି ଭଙ୍ଗାରୁଜା କରିଥିବା ଅଭିଯୋଗ ହୋଇଥିଲା।

# ଗଣେଶ ପୂଜାକୁ ନେଇ ଗୋଷ୍ଠୀସଂଘର୍ଷ

### ପୋଲିସ ଉପସ୍ଥିତିରେ ପୂଜାକାର୍ଯ୍ୟ ସମ୍ପନ୍ନ

**ଅସ୍ତରଙ୍ଗ,୩୧।୮(ଡି.ଏନ୍.ଏ.):** ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ନୂଆଗଡ଼ ଗ୍ରାମରେ ବୁଧବାର ଗଣେଶ ପୂଜାକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଛି। ଅସ୍ତରଙ୍ଗ ଥାନା ପୋଲିସ ଓ ପ୍ରଶାସନ ପହଞ୍ଚି ଉଭୟ ଗୋଷ୍ଠୀଙ୍କୁ ବୁଝାଶୁଝା କରି ସ୍ଥିତି ନିୟନ୍ତ୍ରଣ କରିଥିଲେ। ପରେ ପୋଲିସ, ତହସିଲଦାରଙ୍କ ଉପସ୍ଥିତିରେ ଗଣେଶ ପୂଜା ସମ୍ପନ୍ନ ହୋଇଛି। ସୂଚନାଥାଉ କି, ନୂଆଗଡ଼ ଗ୍ରାମରେ ଗୋଟିଏ ଗୋଷ୍ଠୀ ଗଣେ ପୂଜା କରୁଥିବାବେଳେ ଅନ୍ୟ ଏକ ଗୋଷ୍ଠୀ ଆସି ପୂଜାକାର୍ଯ୍ୟକୁ ନେଇ କିଛି କହିବାରୁ ବଚସା ହୋଇଥିଲା। ଦୁଇ ଗୋଷ୍ଠୀର ଯୁବକ ଓ ପିଲାମାନେ ଏକାଠି ହୋଇଯିବାରୁ ଶେଷରେ ଗଣ୍ଡଗୋଳର ରୂପ ନେଇଥିଲା। ଗଣ୍ଡଗୋଳରେ କେତେଜଣ ସାମାନ୍ୟ ଆହତ ହୋଇଥିଲେ। ତହସିଲଦାର ରାଜଲକ୍ଷ୍ମୀ ନାୟକ, ସାମୁଦ୍ରିକ ଥାନା ଅଧିକାରୀ ବାମଦେବ ନନ୍ଦ ପହଞ୍ଚି ଉଭୟ ଗୋଷ୍ଠୀଠାରୁ ଘଟଣା ବିଷୟରେ ଶୁଣି ବୁଝାଶୁଝା କରିଥିଲେ। ଗ୍ରାମରେ ଗଣ୍ଡଗୋଳ ହୋଇଥିବାରୁ ପରିସ୍ଥିତିକୁ ଦେଖି ପୋଲିସ ୧୪୪ ଧାରା ଜାରି କରିଥିଲା। ପରେ ପୋଲିସ ଓ ପ୍ରଶାସନ ଘଟଣାସ୍ଥଳରେ ଉପସ୍ଥିତ ରହି ଗଣେଶ ପୂଜା ସମ୍ପାଦନ କରିଥିଲେ।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. 23/ET/SBP/ENGG/2022-23 ତା. 27.08.2022 ରିଖ

1) ଇ-ଟେଣ୍ଡର ସଂ. 20-eT-SDENE-SBP-22
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ଝାରସୁଗୁଡ଼ା-ସରଲା ରୋଡ଼-କୁକୁମୁରା(In) ଏବଂ କୁକୁମୁରା (Ex)-କେରେଜଙ୍ଗ (Ex) ସେକ୍ସନରେ ST-4, ST-5, ST-17, ST-20, ST-22, ST-23, ST-29 ଏବଂ ST-60 ସ୍ଥିତ ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗ (LHS) ଠାରୁ ଡ୍ରେନ୍ ଶଯ୍ୟାରୁ ପଙ୍କ ଉଠାଇବା ସହିତ JT-2, ST-10, ST-11, ST-16, ST-33, ST-43, ST-56, ST-58 ଏବଂ ST-82 ସ୍ଥିତ ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗ (LHS) ଠାରୁ ଜଳ ନିଷ୍କାସନ ଏବଂ ପଙ୍କ ଉଠାଇବା।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 52,92,555/-, EMD (ଟଙ୍କାରେ): 1,05,900/-

2) ଇ-ଟେଣ୍ଡର ସଂ. 21-eT-SDENE-SBP-22
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ରେଢ଼ାଖୋଲ ପରିସୀମା ଅଧୀନସ୍ଥ ସିନିୟର ସେକ୍ସନ ଇଂଜିନିୟର(P.Way)/ରେଢ଼ାଖୋଲ ସେକ୍ସନରେ କୁକୁମୁରା(Ex)-ସରଗିପାଲି (In) ସେକ୍ସନରେ ବିବିଧ P.Way ମରାମତି ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 97,74,679.51, EMD (ଟଙ୍କାରେ): 1,95,500/-

3) ଇ-ଟେଣ୍ଡର ସଂ. 22-eT-SDENE-SBP-22
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ସମ୍ବଲପୁର ପରିସୀମା ଅଧୀନସ୍ଥ ସିନିୟର ସେକ୍ସନ ଇଂଜିନିୟର(P.Way) / ସମ୍ବଲପୁର ସିଟିର ସମ୍ବଲପୁର(Ex)-କୁକୁମୁରା(In), ବାଇପାସ୍ ଲାଇନ୍ ଏବଂ ଶାସନ (Ex)-ସରଲା ରୋଡ୍ ସେକ୍ସନରେ ବିବିଧ P.Way ମରାମତି ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 99,65,067.49, EMD (ଟଙ୍କାରେ): 1,99,400/-

କାର୍ଯ୍ୟ ଶେଷ ହେବା ଅବଧି : 12 (ବାର) ମାସ (ସମସ୍ତ ଟେଣ୍ଡର ନିମନ୍ତେ)।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : (ସମସ୍ତ ଟେଣ୍ଡର ନିମନ୍ତେ) ତା.29.09.2022ରିଖ 1500 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ସମ୍ବଲପୁର
PR-440/N/22-23

"ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ସମସ୍ତ ଜନସାଧାରଣଙ୍କୁ ଏହି ପବିତ୍ର ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ-୨୦୨୨ ଅବସରରେ ଶୁଭେଚ୍ଛା ଓ ଅଭିନନ୍ଦନ"

• ଆମେ ସମସ୍ତେ ମିଳିମିଶି ସଙ୍କଳ୍ପ ନେବା, ପରିଷଦର ଟିକସ ଠିକ୍ ସମୟରେ ପୈଠ କରିବା, ଘର ଓ ପରିବେଶକୁ ସଫା ରଖିବା, ଆବର୍ଜନା ପାଣି ଘର ପାର୍ଶ୍ୱରେ ଜମା ନରଖିବା ତେବେ ଯାଇ ଆମ୍ଭେ ମଶା ମାଛିଙ୍କ ଦାଉରୁ ରକ୍ଷା ପାଇବା। • ପ୍ରତ୍ୟେକ ଦିନ ଘରୁ ବାହାରୁଥିବା ଓଦା ଓ ଶୁଖିଲା ଅଳିଆକୁ ପୃଥକୀକରଣ କରି ପରିମଳ କର୍ମଚାରୀଙ୍କୁ ପ୍ରଦାନ କରିବା। • ଏକକ ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକ ଓ ପଲିଥିନ୍‌କୁ ସମ୍ପୂର୍ଣ୍ଣ ବର୍ଜନ କରିବା। • ନୂତନ ଘର ନିର୍ମାଣ କରିବା ପୂର୍ବରୁ ନିର୍ମାଣାଧିନ ଘରର ନକ୍ସାକୁ ପରିଷଦ ଦ୍ୱାରା ମଞ୍ଜୁର କରାଇବା। • ସରକାରୀ ନାଳ, ନର୍ଦ୍ଦମା ଓ ରାସ୍ତାଘାଟକୁ ଅବରୋଧ କରିବା ନାହିଁ। • ଗୃହ ପାଳିତ ପଶୁମାନଙ୍କୁ ରାସ୍ତାଘାଟକୁ ଛାଡ଼ନ୍ତୁ ନାହିଁ। • ଦୋକାନ ଘରର ଟ୍ରେଡ ଲାଇସେନ୍ସ ପରିଷଦ ଦ୍ୱାରା ମଞ୍ଜୁର କରାଇବା।

ସ୍ୱପ୍ନାରାଣୀ ପାଢ଼ୀ, ନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଲୁଗାଁ
ଶ୍ରୀଯୁକ୍ତ ଭଗବାନ ପ୍ରଧାନ, ଉପାଧ୍ୟକ୍ଷ, ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଲୁଗାଁ
ଶ୍ରୀମତୀ ସୁକାନ୍ତି ପାଇକରାୟ, ଅଧ୍ୟକ୍ଷା, ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଲୁଗାଁ



## ସଂକ୍ଷେପରେ

### କନ୍‌ଷ୍ଟେବଲଙ୍କୁ ହତ୍ୟା ଉଦ୍ୟମ, ୨ ଗିରଫ

ଭୁବନେଶ୍ୱର,୩୧।୮(ବ୍ୟୁରୋ): ଟ୍ରାଫିକ ପୋଷ୍ଟରେ କାର୍ଯ୍ୟରତ ଜଣେ କନ୍‌ଷ୍ଟେବଲଙ୍କୁ ଅଶ୍ରାଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବାକୁ ଉଦ୍ୟମ କରିବା ଅଭିଯୋଗରେ ଧଉଳି ଥାନା ପୋଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଧଉଳି ଥାନା ଅଞ୍ଚଳର ସୀତାକାନ୍ତ ଚମ୍ପତି ଓରଫ ଜୁବୁଲା ଏବଂ ବାପୁ ଓରଫ ଆକାଶ କୁମାର ସାହୁ। ଏନେଇ ପୋଲିସ ମାମଲା (ନଂ ୧୭୩/୨୨) ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ ବୁଧବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ଭୁବନେଶ୍ୱର ଟ୍ରାଫିକ ଥାନା-୧ ଅଧୀନରେ ଓଡିଶା ପୋଲିସର ଜଣେ କନେଷ୍ଟବଲ ମଙ୍ଗଳବାର ଲିଙ୍ଗପୁର ଟ୍ରାଫିକ ପୋଷ୍ଟରେ କାର୍ଯ୍ୟ କରୁଥିଲେ। ଅଭିଯୁକ୍ତ ସୀତାକାନ୍ତ ଓ ବାପୁ ଧଉଳିରୁ ଭୁବନେଶ୍ୱର ଆଡକୁ ରଙ୍ଗ ରୁଟ୍‌ରେ ଯାଉଥିଲେ। ଏହି ସମୟରେ କନଷ୍ଟେବଳ ଜଣକ ତାଙ୍କୁ ଅଟକାଇବାରୁ ଅଭିଯୁକ୍ତଦ୍ୱୟ ତାଙ୍କୁ ଖରାପ ଭାଷାରେ ଗାଳିଗୁଲଜ କରିବା ସହ ତାଙ୍କ ଉପରକୁ ଟେକା ଫୋପାଡି ମାରି ଦେବାକୁ ଉଦ୍ୟମ କରିଥିଲେ।

### ଗଙ୍ଗାଧର ପାଇକରାୟଙ୍କ ସ୍ମୃତି ଦିବସ

ଭୁବନେଶ୍ୱର, ୩୧।୮(ବ୍ୟୁରୋ): ସ୍ୱାଧୀନତା ସଂଗ୍ରାମୀ କମ୍ୟୁନିଷ୍ଟ ନେତା ଗଙ୍ଗାଧର ପାଇକରାୟଙ୍କ ୨୭ତମ ସ୍ମୃତି ଦିବସ ଲୋହିଆ ଏକାଡେମୀଠାରେ ବୁଧବାର ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କମ୍ୟୁନିଷ୍ଟ ପାର୍ଟି ଜାତୀୟ କାର୍ଯ୍ୟକାରୀ କମିଟି ସଭ୍ୟ କମ୍ରେଡ୍ ଦିବାକର ନାୟକ ଯୋଗଦେଇ ସ୍ୱାଧୀନତା ଆନ୍ଦୋଳନରେ ଗଙ୍ଗାଧର ପାଇକରାୟଙ୍କ ଭୂମିକା, କମ୍ୟୁନିଷ୍ଟଙ୍କ ସ୍ୱାଧୀନତା ପାଇଁ ଅବଦାନ, ବିଶେଷକରି ଗଡ଼ଜାତ ଅଞ୍ଚଳର ଆନ୍ଦୋଳନ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟ କୁଳପତି ଅଧ୍ୟାପକ ସନ୍ତୋଷ ତ୍ରିପାଠୀ ଉଚ୍ଚ ଶିକ୍ଷା ଉପରେ ଭାଷଣ ଦେଇ ଛାତ୍ର, ଶିକ୍ଷକ, ଅଭିଭାବକ ଏକ ନ ହେଲେ ସାର୍ବଜନୀନ ଶିକ୍ଷା ବ୍ୟବସ୍ଥା ସୁଧୁରିବା ଅସମ୍ଭବ ବୋଲି ମତ ଦେଇଥିଲେ। ସ୍ମୃତି କମିଟିର ସହ ସମ୍ପାଦକ ସତୀଶ ମିଶ୍ର ସ୍ୱାଗତ ଭାଷଣ, ସମ୍ପାଦକ ତଥା ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ ଓ ଅଧ୍ୟାପକ ନୀଳମଣି ସାହୁ ସଭାପତିତ୍ୱ କରିଥିଲେ। ନାଟ୍ୟ ଚେତନା ଦ୍ୱାରା 'ରେବତୀ ସେବତୀ ଏବତୀ' ନାଟକ ମଞ୍ଚସ୍ଥ ହୋଇଥିଲା।



ଉଲ୍‌ରେ ଫୁଲ ତିଆରି କରି ପୋଖରୀପୁଟର ସୁଶାନ୍ତ ସାହୁଙ୍କ ଦ୍ୱାରା ପ୍ରସ୍ତୁତ ଗଣେଶ ।

# ବିଏମ୍‌ସି ରାଜ୍ୟର ସବୁଠାରୁ ବଡ଼ କର୍ପୋରେଶନ

ଭୁବନେଶ୍ୱର, ୩୧।୮(ବ୍ୟୁରୋ)



**ସ୍ୱାୟତ୍ତ ଶାସନ ଦିବସ**

- ରାଜଭବନରେ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା ପ୍ରସ୍ତାବ
- କର୍ପୋରେଟରଙ୍କ ଦରମା ଲାଗୁ କରାଯାଉ
- ରାଶନ କାର୍ଡରେ ଯୋଡ଼ିହେଲେ ୨୫୨୨ ହିତାଧିକାରୀ

ରାଜ୍ୟର ୨୦ ପ୍ରତିଶତ ଲୋକ ସହରରେ ରହୁଛନ୍ତି। ଦିନକୁ ଦିନ ଲୋକେ ସହରମୁହାଁ ହେଉଛନ୍ତି। ଭୁବନେଶ୍ୱର ରାଜ୍ୟର ରାଜଧାନୀ ହୋଇଥିବାରୁ ଏଠାରେ ଲୋକ ସଂଖ୍ୟା ବହୁ ପରିମାଣରେ ବୃଦ୍ଧି ପାଇଛି। ଭୁବନେଶ୍ୱର ସ୍ମାର୍ଟ ସିଟିର ଏକ ସ୍ୱର୍ଣ୍ଣିମ ଇତିହାସ ରହିଛି। ଏଠାରେ ସଂସ୍କୃତି, ପରମ୍ପରାଠାରୁ ଆରମ୍ଭ କରି ବିଭିନ୍ନ ଖାଦ୍ୟ, ସବୁ ପ୍ରକାରର ଐତିହ୍ୟ ଭରି ରହିଛି। ସହରର ପରିସୀମା ଓ କଳେବର ବ୍ୟାପକ ଭାବେ ବୃଦ୍ଧି ପାଉଥିବାବେଳେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଆଜି ସବୁଠୁ ବଡ଼ କର୍ପୋରେଶନରେ ପରିଣତ ହୋଇଛି। ଏହା ଆମ ପାଇଁ ଗୌରବର କଥା ବୋଲି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ କହିଛନ୍ତି। ବୁଧବାର ବିଏମ୍‌ସି ପକ୍ଷରୁ ସୂଚନା ଭବନରେ ସ୍ୱାୟତ୍ତ ଶାସନ ଦିବସ ପାଳନ ସହ ୪ ଦିନିଆ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ମନ୍ତ୍ରୀ କହିଲେ, ବିଏମ୍‌ସି ଲୋକଙ୍କୁ ବିଭିନ୍ନ ସେବା ଯୋଗାଇ ଦେବା ସହିତ ସେମାନଙ୍କ ଉନ୍ନତି ଦାୟିତ୍ୱ ନେଇଛି। ବହୁତ ଯୋଜନା ହାତକୁ ନିଆଯାଉଛି। ପରିମଳ ବ୍ୟବସ୍ଥା ସହିତ ବସ୍ତିବାସିନ୍ଦାଙ୍କ ଉନ୍ନୟନ, ମହିଳା ସଶକ୍ତୀକରଣ, ଜୀବିକା, ପୁନର୍ବାସ ଭଳି ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଏଥିସହ କମିଶନରଙ୍କ କାର୍ଯ୍ୟ ଶୈଳୀକୁ ମଧ୍ୟ ମନ୍ତ୍ରୀ ପ୍ରଶଂସା କରିଛନ୍ତି।

ସମ୍ମାନିତ ଅତିଥି ଭାବେ ବିଜ୍ଞାନ ଓ କାରିଗରି କୌଶଳ, ସାଧାରଣ ଉଦ୍ୟୋଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଲେ, ବିଏମ୍‌ସିର ସଫଳତା ପାଇଁ କର୍ପୋରେଟରଙ୍କ ସହିତ ରାଜଧାନୀବାସୀଙ୍କ ସହଯୋଗ ଆବଶ୍ୟକ। ସହରକୁ ସର୍ବାଙ୍ଗ ସୁନ୍ଦର କରିବା, ନିଜ ପରିବେଶକୁ ସଫା ରଖିବା ଆମ ସମସ୍ତଙ୍କ ପାଇଁ ଆହ୍ୱାନ ହେବା ଆବଶ୍ୟକ ବୋଲି ମନ୍ତ୍ରୀ କହିବା ସହ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଏକ ପ୍ରତିମୂର୍ତ୍ତି ରାଜଭବନରେ ସ୍ଥାପନ ପାଇଁ ପ୍ରସ୍ତାବ ଦେଇଥିଲେ। ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା କହିଲେ, ଭୁବନେଶ୍ୱରରେ ୧୯ ବର୍ଷ ଭିତରେ ବିଏମ୍‌ସି ବହୁ କାମ କରିଛି। ଫଳରେ ଭାରତରେ ଭୁବନେଶ୍ୱର ସହରର ନାଁ ରହିଛି। ଏଥର ଏତେ ବର୍ଷା ହେବା ସତ୍ତ୍ୱେ ଡ୍ରେନ ନଂ.୪ ଏବଂ ୧୦ରେ କାମ ହୋଇଥିବାରୁ ସେଠାକାର ଲୋକଙ୍କ ସମସ୍ୟା ଦୂର ହୋଇଛି। ସେହିପରି ପ୍ରଥମକରି ଭୁବନେଶ୍ୱରରେ ଇଣ୍ଟିଗ୍ରେଟେଡ୍ ସ୍ୱେରେଜ କାମ ଚାଲିଛି ବୋଲି ବିଧାୟକ କହିଛନ୍ତି। ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ କହିଲେ, ୧୮ ବର୍ଷ ହେବ ବିଏମ୍‌ସିର ଜନ୍ମ। ଜନସଂଖ୍ୟା ୩ ଲକ୍ଷରୁ ବଢି ୧୫ ଲକ୍ଷରୁ ଊର୍ଦ୍ଧ୍ୱରେ ପହଞ୍ଚିଲାଣି। ତେଣୁ ସମସ୍ୟା ରହିବ, ମାତ୍ର କେତେ ପ୍ରତିଶତ ସମାଧାନ ହେଉଛି ତାହା ଗୁରୁତ୍ୱପୂର୍ଣ୍ଣ ବୋଲି କହିବା ସହ କର୍ପୋରେଟରଙ୍କୁ ଦରମା ପ୍ରଦାନ ପାଇଁ ପ୍ରସ୍ତାବ ଦେଇଥିଲେ। ମେୟର ସୁଲୋଚନା ଦାସ କହିଲେ, ସ୍ୱାୟତ୍ତ ଶାସନ ଦିବସର ଅର୍ଥ ହେଉଛି ଲୋକଙ୍କ ହାତରେ କ୍ଷମତା। ବିଏମ୍‌ସି ସର୍ବଦା ସହରବାସୀଙ୍କ ନିକଟତର ହେବାକୁ ଚେଷ୍ଟା କରୁଛି। ପରିମଳ ବ୍ୟବସ୍ଥାକୁ ଦୃଢୀଭୂତ କରିବା ପାଇଁ ବିଏମ୍‌ସି ଉଦ୍ୟମ ଜାରି ରଖିଛି। ଜଳବନ୍ଦୀ ସମସ୍ୟାର ସମାଧାନ ଆରମ୍ଭ ହୋଇଛି। ଧୀରେ ଧୀରେ ଭୁବନେଶ୍ୱରର ସମସ୍ତ ସମସ୍ୟା ଦୂର ହୋଇଯିବ ବୋଲି ମେୟର କହିଛନ୍ତି।

ଏହି ଅବସରରେ ୨୫୨୨ଜଣଙ୍କ ବ୍ୟକ୍ତିଙ୍କ ନାମ ରାଶନ କାର୍ଡରେ ଅନ୍ତର୍ଭୁକ୍ତ କରାଯାଇ ୭ ଜଣଙ୍କୁ କାର୍ଡ ବଣ୍ଟାଯାଇଥିଲା। ମାଗାଜିନ୍ 'ଆହ୍ୱାନ' ଏବଂ 'କଫି ଟେବଲ ବୁକ୍' ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସେହିପରି ଟ୍ରାଫିକ୍ ପରିଚାଳନା ପାଇଁ ୩ ଜଣଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ପରିବେଶ ସୁରକ୍ଷାରେ ୩ଜଣ, ସ୍ୱାସ୍ଥ୍ୟ ସଚେତନତା କ୍ଷେତ୍ରରେ ୩ଜଣ, ପରିମଳ ବ୍ୟବସ୍ଥାରେ ୩ଜଣ, ଡ୍ରାଇଭିଂ (ସଫେଇ ଗାଡ଼ି)ରେ ୩ଜଣ, ସ୍ୱଚ୍ଛ ସାଥିରେ ୩ଜଣଙ୍କୁ ଏବଂ ୩ଟି ଜୋନ୍‌ରୁ ୩ଟି ଏସ୍‌ଏଚ୍‌ଜିକୁ 'ନଗରବନ୍ଧୁ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଏଥିସହ ବିଏମ୍‌ସି ରିକ୍ରିଏଶନ୍ କ୍ଲବ ପକ୍ଷରୁ ଖେଳ ପ୍ରତିଯୋଗିତାରେ କୃତିତ୍ୱ ଲାଭ କରିଥିବା କର୍ପୋରେଟର ଓ ବିଏମ୍‌ସି ଅଧିକାରୀଙ୍କୁ ପୁରସ୍କୃତ କରାଯାଇଥିଲା। ଡେପୁଟି ମେୟର ମଞ୍ଜୁଲତା କହଁର, କମିଶନର ବିଜୟ ଅମୃତା କୁଲାଙ୍ଗେ, ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ, ସୂର୍ଯ୍ୟବଂଶୀ ମୟୂର ବିକାଶ ଏବଂ ବିନୟ କୁମାର ଦାସ ଉପସ୍ଥିତ ଥିଲେ। ସକାଳେ ବିଏମ୍‌ସି କାର୍ଯ୍ୟାଳୟରେ ପତାକା ଉତ୍ତୋଳନ କରାଯାଇଥିଲା। ଏହାପରେ ନିଗମ ଅଧୀନ ଏସ୍‌ୟୁଏଚ୍ ଏବଂ ଭିକାରି ଥଇଥାନ କେନ୍ଦ୍ରରେ ଫଳ ବଣ୍ଟନ କରାଯାଇଥିଲା।

### ସଢ଼େଇରେ ଗଣେଶ



ଭୁବନେଶ୍ୱର,୩୧।୮(ବ୍ୟୁରୋ)

ପ୍ଲାଷ୍ଟିକ, ଜରି ଓ ରାସାୟନିକ ରଙ୍ଗକୁ ବାଦ୍‌ଦେଇ ଇକୋଫ୍ରେଣ୍ଡଲି ସାମଗ୍ରୀରେ ତିଆରି ଶ୍ରୀଗଣେଶ ବୁଧବାର ପୂଜା ପାଇଛନ୍ତି। ଧଉଳି ଚାରୁକଳା ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ୬ ଫୁଟ ଉଚ୍ଚତା ବିଶିଷ୍ଟ ଏହି ନିଆରା ଗଣେଶ ମୂର୍ତ୍ତି ଗଢ଼ିଛନ୍ତି। ମୂର୍ତ୍ତିକୁ ତିଆରି କରିବାକୁ ୩ ଶହ ସଢ଼େଇ ଓ ୧୦କେଜି ନଡ଼ିଆ କତା ବ୍ୟବହୃତ ହୋଇଛି। ଏଥିପାଇଁ ଆଦ୍ୟାଶା ମିଶ୍ର, ଅଞ୍ଜଳି ଦାସ, ଲିପ୍ସା ପ୍ରଧାନ, ଦିପ୍ତିମୟୀ ଚମ୍ପତି, ଗତିକୃଷ୍ଣ ନାୟକ, ଗୋପାଳ କୃଷ୍ଣ ନାୟକ, ରଣଜିତ ପାଣି, ଚନ୍ଦନ ରଣା, ନୀଳମଣି ଗୌଡ଼, ଶକ୍ତିରଞ୍ଜନ ବାରିକ ପ୍ରମୁଖଙ୍କୁ ୧୫ ଦିନ ଲାଗିଥିଲା। ଏହି ମୂର୍ତ୍ତି ନିର୍ମାଣ ଜରିଆରେ ସେମାନେ ପ୍ରକୃତି ଅନୁକୂଳ ଜିନିଷ ବ୍ୟବହାର ପାଇଁ ସମାଜକୁ ବାର୍ତ୍ତା ଦେଇଛନ୍ତି। ଏହି ଅବସରରେ ଓଡ଼ିଶା ଲଳିତକଳା ଏକାଡେମୀ ସଚିବ ପଞ୍ଚାନନ ସାମଲ, ମହାବିଦ୍ୟାଳୟର କାର୍ଯ୍ୟକାରୀ ସଭାପତି ଡ. ହୃଷୀକେଶ ମିଶ୍ର, ଅଧକ୍ଷ ଚନ୍ଦନ କୁମାର ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

# ଫାଷ୍ଟଫୁଡ୍ ଷ୍ଟଲ୍ ଖୋଲିବାକୁ ନେଇ ହତ୍ୟାକାଣ୍ଡ

ଭୁବନେଶ୍ୱର,୩୧।୮ (ବ୍ୟୁରୋ)

**ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନବାଚୀ**

ରାଜଧାନୀ ବାଣୀବିହାର ଛକସ୍ଥିତ ଡିସିପି ଅଫିସ ସାମ୍ନା ମେଟ୍ରୋ ହାଉସ ପାର୍ଶ୍ୱରେ ମଙ୍ଗଳବାର ବିଳମ୍ବିତ ରାତିରେ ଫାଷ୍ଟଫୁଡ୍ ଦୋକାନ ଖୋଲିବାକୁ କେନ୍ଦ୍ର କରି ଏକ ହତ୍ୟାକାଣ୍ଡ ଘଟିଛି। ୨ଜଣ ଅଟୋ ଡ୍ରାଇଭର ପୁରୀ ଜିଲା ନିମାପଡ଼ା ଥାନା ଅନ୍ତର୍ଗତ ବଳଭଦ୍ରପୁର ଗ୍ରାମର ସୌମ୍ୟରଞ୍ଜନ କୁଣ୍ଡୁ (୩୨)ଙ୍କୁ ଚାପଡ଼ରେ ଆକ୍ରମଣ କରି ହତ୍ୟା କରିଛନ୍ତି। ଅଭିଯୁକ୍ତଦ୍ୱୟ ହେଲେ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଧୀରୁକୁଟି ବସ୍ତିରେ ରହୁଥିବା ମନୋଜ କୁମାର ଦାସ ଓରଫ ପାଉଣୀ (୩୦) ଓ ଶହୀଦନଗର ଥାନା ଅନ୍ତର୍ଗତ ପଥରବନ୍ଧ ବସ୍ତିରେ ରହୁଥିବା ଅଶୋକ ଦାସ ଓରଫ କାବୁ(୩୫)। ସେମାନଙ୍କୁ ପୋଲିସ ଗିରଫ କରିଛି।

ସୂଚନା ଅନୁଯାୟୀ, ସୌମ୍ୟରଞ୍ଜନ ୮ ବର୍ଷ ହେଲା ମେଟ୍ରୋ ହାଉସ କଡ଼ରେ ଚା' ଦୋକାନ କରିଛନ୍ତି। ହେଲେ ୨ମାସ ହେବ ଉକ୍ତ ଚା' ଦୋକାନ କଡ଼ରେ ସେ ଏକ ଫାଷ୍ଟଫୁଡ୍ ଦୋକାନ ଖୋଲିଥିଲେ। ସେଠାରେ ଦୁର୍ଗାପୂଜା ମଣ୍ଡପ ଥିବାରୁ ସ୍ଥାନୀୟ ଅଟୋ ଚାଳକମାନେ ଫାଷ୍ଟଫୁଡ ଦୋକାନ ଖୋଲିବାକୁ ବାରଣ କରିଥିଲେ। ଏଥିପାଇଁ ସେମାନଙ୍କ ସହ ସୌମ୍ୟରଞ୍ଜନଙ୍କ ପୂର୍ବରୁ ମଧ୍ୟ ବଚସା ହୋଇଥିଲା। ମଙ୍ଗଳବାର ରାତି ସୌମ୍ୟରଞ୍ଜନ ଉକ୍ତ ଚା' ଦୋକାନରେ ଶୋଇଥିଲେ। ରାତି ପ୍ରାୟ ୨ଟା ବେଳେ ସେ ନିଦରୁ ଉଠି ପାଣି ଆଣିବାକୁ ଯାଉଥିଲେ। ଏହି ସମୟରେ ସେଠାରେ ଥିବା ପାଉଣୀ ଓ କାବୁଙ୍କ ସହ ପୂର୍ବ ଘଟଣାକୁ ନେଇ ଝଗଡ଼ା ହୋଇଥିଲା। ପାଉଣୀ ଓ କାବୁ ପାଖରେ ରଖିଥିବା ଏକ ଚାପଡ଼ରେ ସୌମ୍ୟରଞ୍ଜନଙ୍କୁ ଆକ୍ରମଣ କରିଥିଲେ। ପୋଲିସ ଖବର ପାଇ ସେଠାରେ ପହଞ୍ଚି ଆହତ ସୌମ୍ୟରଞ୍ଜନଙ୍କୁ ଏମ୍‌ସ ନେଇଥିଲା। ଘଟଣାକୁ ନେଇ ଭାଇ ସାଗର କୁମାର କୁଣ୍ଡୁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପାର୍ବଣ ଋତୁ ଆରମ୍ଭ ହୋଇଥିବାରୁ ପୋଲିସ ପାଟ୍ରୋଲିଂକୁ କଡ଼ାକଡ଼ି କରିଥିବା ସତ୍ତ୍ୱେ ଡିସିପି ଅଫିସ ସାମ୍ନାରେ ଏପରି ହତ୍ୟାକାଣ୍ଡ ଘଟିବା ପୋଲିସର ସୁରକ୍ଷା ପ୍ରତି ପ୍ରଶ୍ନ ସୃଷ୍ଟି କରିଛି। ଅପରପକ୍ଷରେ ଡିସିପି ପ୍ରତୀକ ସିଂ କହିଛନ୍ତି, ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ନୁହେଁ। ସୁରକ୍ଷା ଢିଲା ପାଇଁ ଏପରି ଘଟିଲା ବୋଲି କୁହାଯାଇପାରିବ ନାହିଁ।

# ଭୁଆସୁଣୀ ଡମ୍ପିଂୟାର୍ଡରେ ପଡ଼ିଲା ଅଳିଆ

ଭୁବନେଶ୍ୱର, ୩୧।୮(ବ୍ୟୁରୋ)

**ପ୍ରଥମ ଦିନରେ ଟିଟିଏସ୍‌ରୁ ୪୩ ଟ୍ରିପ୍ ଅଳିଆ ସ୍ଥାନାନ୍ତର ହେଲା**




ଦାରୁଠେଙ୍ଗ ପଞ୍ଚାୟତବାସୀଙ୍କ ଦାବିକୁ ପ୍ରଶାସନ ମାନିନେବା ପରେ ୨୦ ଦିନରୁ ଊର୍ଦ୍ଧ୍ୱ ହେବ ବନ୍ଦ ରହିଥିବା ଭୁଆସୁଣୀ ଡମ୍ପିଂୟାର୍ଡରେ ବୁଧବାରଠାରୁ ଅଳିଆ ପଡ଼ିଛି। ଏଥିସହ ସୈନିକ ସ୍କୁଲ ନିକଟ ଟେମ୍ପରାରି ଟ୍ରାନ୍‌ଜିଟ୍ ଷ୍ଟେଶନ (ଟିଟିଏସ୍) ବା ଅସ୍ଥାୟୀ ଡମ୍ପିଂୟାର୍ଡରୁ ଅଳିଆ ଉଠିବା ଆରମ୍ଭ ହୋଇଛି। ପ୍ରଥମ ଦିନରେ ଟିଟିଏସ୍‌ରୁ ୪୩ ଟ୍ରିପ୍ ଅଳିଆ ଭୁଆସୁଣୀ ଡମ୍ପିଂୟାର୍ଡକୁ ସ୍ଥାନାନ୍ତର କରାଯାଇଥିଲା। ଦାରୁଠେଙ୍ଗ ପଞ୍ଚାୟତବାସୀଙ୍କ ସହଯୋଗ ପାଇଁ କମିଶନର ବିଜୟ ଅମୃତା କୁଲାଙ୍ଗେ ଓ ମେୟର ସୁଲୋଚନା ଦାସ ସେମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଗୁରୁବାରଠାରୁ ଦୈନିକ ୨ଶହ ଟ୍ରିପ୍ ଅଳିଆ ସ୍ଥାନାନ୍ତର ହେବ। ୯ ମାସ ମଧ୍ୟରେ ଅଧିକ କ୍ଷମତା ବିଶିଷ୍ଟ ଏମ୍‌ସିସି ପ୍ରତିଷ୍ଠା କରାଯିବ। ଫଳରେ ଭୁବନେଶ୍ୱରରୁ ଦୈନିକ ବାହାରୁଥିବା ଅଳିଆକୁ ସହର ଭିତରେ ଏମ୍‌ସିସି ଓ ଏମ୍‌ଆର୍‌ଏଫ୍ ଜରିଆରେ ପୃଥକୀକରଣ ଏବଂ ପ୍ରକ୍ରିୟାକରଣ କରି ପରିଚାଳନା କରାଯିବ। ଡମ୍ପିଂୟାର୍ଡର ସ୍ଥାୟୀ ସମାଧାନ ପାଇଁ ବିଏମ୍‌ସି ନିର୍ଦ୍ଧାରିତ ସମୟ ମଧ୍ୟରେ କ'ଣ ପଦକ୍ଷେପ ନେଉଛି ସେ ନେଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ସଚିବ ସମୀକ୍ଷା କରିବେ। ସେହିଭଳି ବିଏମ୍‌ସି କମିଶନର ଓ ଦାରୁଠେଙ୍ଗ ସରପଞ୍ଚଙ୍କ ମଧ୍ୟରେ ନିୟମିତ ବ୍ୟବଧାନରେ ସମନ୍ୱୟ ବୈଠକ ବସିବ ବୋଲି ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, ଦାରୁଠେଙ୍ଗବାସୀ ଭୁଆସୁଣୀ ଡମ୍ପିଂୟାର୍ଡରେ ଅଳିଆ ପକାଇବାକୁ ନ ଦେବାରୁ ସହରର ପରିମଳ ବ୍ୟବସ୍ଥା ବିଗିଡି ଯାଇଥିଲା। ଟିଟିଏସ୍‌ରେ ମଧ୍ୟ ଆବର୍ଜନାର ପାହାଡ଼ ଦେଖିବାକୁ ମିଳିଥିଲା। ସମସ୍ୟାର ସମାଧାନ ପାଇଁ ବିଏମ୍‌ସି କାର୍ଯ୍ୟାଳୟରେ ବସିଥିବା ବୈଠକରେ କୌଣସି ନିଷ୍କର୍ଷ ବାହାରି ପାରି ନ ଥିଲା। ଏପରିକି ପଲ୍ଲିସଭାରେ ମଧ୍ୟ ବିଏମ୍‌ସିକୁ ଗ୍ରାମବାସୀ ପ୍ରବଳ ବିରୋଧ କରିଥିଲେ। ମଙ୍ଗଳବାର ଲୋକସେବା ଭବନଠାରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ବୈଠକରେ ଏନେଇ ସମାଧାନ ହୋଇଥିଲା। ତେବେ ଦାରୁଠେଙ୍ଗବାସୀଙ୍କ ଦାବି ଅନୁସାରେ, ଡମ୍ପିଂୟାର୍ଡରେ ପ୍ରସ୍ତାବିତ ବାୟୋ ମାଇନିଂ ପ୍ଲାଣ୍ଟ ନିର୍ମାଣ ସାମୟିକ ଭାବେ ସ୍ଥଗିତ ରଖିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ବିବାଦ ତୁଟିଥିବାରୁ ଭୁବନେଶ୍ୱରବାସୀ ଏବେ ଏକ ପ୍ରକାର ଆଶ୍ୱସ୍ତ ହୋଇଛନ୍ତି।



ଭୁବନେଶ୍ୱରସ୍ଥିତ ଧରିତ୍ରୀ ମୁଖ୍ୟକାର୍ଯ୍ୟାଳୟଠାରେ ବିଘ୍ନବିନାଶନ ଗଣେଶଙ୍କ ପୂଜାର୍ଚ୍ଚନା କରାଯାଉଛି।




ଗାଡ଼କଣ ରାଧାକୃଷ୍ଣ କ୍ଲବରେ ୪୫ତମ ଗଣେଶ ପୂଜା।



ରାଜଧାନୀ ନ୍ୟୁଜ୍ ପେପର ହକର୍ସ ୟୁନିଅନ୍ ପକ୍ଷରୁ ନାଲ୍‌କୋ ଛକ ବିତରଣ କେନ୍ଦ୍ରରେ ଗଣେଶ ପୂଜା।




ଭୁବନେଶ୍ୱର ନ୍ୟୁଜ୍ ପେପର ସପ୍ଲାୟର୍ସ ଆସୋସିଏଶନ ପକ୍ଷରୁ ମାଷ୍ଟରକ୍ୟାଣ୍ଟିନଠାରେ ଅନୁଷ୍ଠିତ ଗଣେଶ ପୂଜା।



ପୁରୁଣା ବସ୍‌ଷ୍ଟାଣ୍ଡ ବ୍ୟବସାୟୀ ସଂଘ।



ୟୁନିଟ୍-୮ସ୍ଥିତ ଅଲ୍ ନ୍ୟୁଜ୍ ପେପର ସପ୍ଲାୟର୍ସ ସୋସିଆଲ ୱେଲ୍‌ଫେୟାର ଆସୋସିଏଶନ କାର୍ଯ୍ୟାଳୟ।

### ବଟି ଆଦାୟ କରି ୨ ଗିରଫ

ପୁରୀ ଅଫିସ: ସମୁଦ୍ରକୂଳ ଥାନା ଅଞ୍ଚଳରେ ଦାଦାବଟି ଆଦାୟ ଅଭିଯୋଗରେ ପୋଲିସ ଦୁଇଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସେହି ଥାନା ଅନ୍ତର୍ଗତ ବାଲିନୋଲିଆ ସାହି ଦେଉଳି ସାହିର ଲୋକନାଥ ସାହୁ ଓ ରାମମନ୍ଦିର ଛକ ନିକଟ ଜାଲିସାହିର ପ୍ରମା ଜାଲି। ଦୁହିଁଙ୍କ ନିକଟରୁ ଗୋଟିଏ ଛୁରି ଓ ନଗଦ ୩୫୦ଟଙ୍କା ଜବତ ହୋଇଛି। ଏ ନେଇ ପୋଲିସ ଏକ କେସ୍ (ନଂ. ୨୮୧/୨୨) ରୁଜୁ କରିଛି। ସୂଚନା ଅନୁଯାୟୀ, ବୁଧବାର ସକାଳ ପ୍ରାୟ ୧୦ଟା ୩୦ରେ ସମୁଦ୍ରକୂଳ ଥାନା ଅନ୍ତର୍ଗତ ଚୈତନ୍ୟ ଛକ ନିକଟରେ ଦୁଇଜଣ ବ୍ୟକ୍ତି ଦୋକାନୀମାନଙ୍କୁ ଛୁରି ଦେଖାଇ ବଟି ଆଦାୟ କରୁଥିଲେ। ପୋଲିସ ଏହି ଖବର ସେଠାରେ ଚଢାଉ କରି ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିଥିଲା।





ସବୁଠି ଅଗ୍ରପୂଜ୍ୟଙ୍କ ଆବାହନ: ପୁରୀ ମରୀଚିକୋଟ ବଜାର



ପୁରୀ ମୋତିଚାନ୍ଦ ବଜାର ।



ପୁରୀ ଗଣେଶ ମାର୍କେଟ ଛକ



ପୁରୀ ପଞ୍ଚମୁଖୀ ଚଉରା ଛକ

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୩୧।୮।୨୦୨୨

| ୩,୪୪,୦୮୭ ଟଙ୍କା | |
|---|---|
| ସୁନା | ୬.୨୦୦ ଗ୍ରାମ |
| ରୁପା | ୧୮.୨୦୦ ଗ୍ରାମ |

## ସଂକ୍ଷେପରେ

### ସାପ କାମୁଡାରେ ଚାଷୀ ମୃତ

ନିମାପଡ଼ା,୩୧।୮(ଡି.ଏନ୍.ଏ.): ବିଲରେ ଚାଷ କଲାବେଳେ ବୁଧବାର ସାପ କାମୁଡାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ସେ ହେଲେ ନିଆଳି ଥାନା ଅନ୍ତର୍ଗତ ବାଲିସାହି ଗ୍ରାମର ନବଘନ ରାୟ(୬୫)। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୨୨/୨୨) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନା ମୁତାବକ, ସକାଳେ ନବଘନ ବିଲରେ ଚାଷ କାମ କରୁଥିବାବେଳେ ତାଙ୍କ ମୁଣ୍ଡ ଏବଂ ହାତକୁ ଏକ ବିଷଧର ସାପ କାମୁଡି ଦେଇଥିଲା। ତାଙ୍କ ସ୍ତ୍ରୀ ହରତା ରାୟ ବିଲରେ ପହଞ୍ଚି ନବଘନଙ୍କୁ ଅଚେତ ଅବସ୍ଥାରେ ଦେଖିଥିଲେ। ଏଥିସହ ତାଙ୍କ ହାତ ମୁଣ୍ଡରେ ସର୍ପ ଦଂଶନର ଚିହ୍ନ ସହ ରକ୍ତ ବାହାରୁଥିବା ଦେଖିଥିଲେ। ହରତା ଗ୍ରାମବାସୀଙ୍କୁ ଡାକି ନବଘନଙ୍କୁ ଚାରିଛକ ମେଡିକାଲକୁ ନେଇଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଚାରିଛକ ଫାଣ୍ଡି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ଏ ସମ୍ପର୍କରେ ନବଘନଙ୍କ ପୁତୁରା ନିମାପଡ଼ା ଥାନାରେ ଏକ ଅଭିଯୋଗ କରିଥିଲେ। ମୃତ ଚାଷୀଙ୍କ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ପ୍ରଶାସନଠାରେ ଦାବି କରିଛନ୍ତି।

### ନାବାଳିକାଙ୍କୁ ଅପହରଣ

ନିମାପଡ଼ା,୩୧।୮(ଡି.ଏନ୍.ଏ.): ନିମାପଡ଼ା ଥାନା ଅଞ୍ଚଳର ଜଣେ ୧୫ ବର୍ଷୀୟା ନାବାଳିକାଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ଗତ ୨୮ ତାରିଖରେ ଜଣେ ଯୁବକ ଅପହରଣ କରିନେଇଥିବା ବୁଧବାର ଥାନାରେ ଅଭିଯୋଗ ହୋଇଛି। ଅଭିଯୁକ୍ତ ଜଣଙ୍କ ହେଲେ ରେଞ୍ଚ ଗ୍ରାମର ଓମ୍ ପ୍ରକାଶ ବେହେରା। ଏନେଇ ପୋଲିସ ଏକ ମାମଲା (ନଂ. ୨୯୪/୨୨) ରୁଜୁ କରି ତଦନ୍ତ ଚଳାଇଛି। ନାବାଳିକା ଜଣଙ୍କ ଘରୁ ଗଲାବେଳେ ୧୫ ହଜାର ଟଙ୍କା ସହ ସୁନା ମଙ୍ଗଳସୂତ୍ର, ସୁନା କାନଫୁଲ ଆଦି ସାଥିରେ ନେଇ ପଳାଇଛି। ସମ୍ପୃକ୍ତ ଯୁବକ ନାବାଳିକାଙ୍କୁ ପ୍ରେମ ଜାଲରେ ଫସାଇ କେଉଁଆଡେ ଅପହରଣ କରିନେଇଥିବା ଅପହୃତାଙ୍କ ବାପା ଅଭିଯୋଗ ଫର୍ଦ୍ଦରେ ଦର୍ଶାଇଛନ୍ତି। ଅପହୃତା ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅପହରଣକାରୀ ଯୁବକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନାବାଳିକାଙ୍କ ବାପା ପୋଲିସ ନିକଟରେ ନିବେଦନ କରିଛନ୍ତି।

### ପଞ୍ଚାୟତସ୍ତରୀୟ ସଫେଇ ଅଭିଯାନ

ବଳଙ୍ଗା,୩୧।୮(ଡି.ଏନ୍.ଏ.): ବଳଙ୍ଗା ଥାନା ଉଚ୍ଛୁପୁର ପଞ୍ଚାୟତରେ ସାହାଡ଼ାପଡ଼ା ପ୍ରାଥମିକ ବିଦ୍ୟାଳୟରେ ପଞ୍ଚାୟତସ୍ତରୀୟ ସଫେଇ କାର୍ଯ୍ୟକ୍ରମ ନିମାପଡ଼ା ପଞ୍ଚାୟତ ସମିତି ଉପାଧ୍ୟକ୍ଷା ଅନସୂୟା ମହାନ୍ତିଙ୍କ ଦ୍ୱାରା ବୁଧବାର ଶୁଭାରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ ସରପଞ୍ଚ ସୁରେଶ କୁମାର ମଙ୍ଗରାଜ, ସଭାପତି କୃଷ୍ଣଚନ୍ଦ୍ର ସ୍ୱାଇଁ ସାମିଲ ହୋଇ ଗ୍ରାମରେ ସଫେଇ କରିବା ସହ ନିଜ ପରିବେଶକୁ ସର୍ବଦା ସଫାସୁତରା ରଖିବାକୁ ନେଇ ସଚେତନ କରିଥିଲେ। ବିରଞ୍ଚି ନାରାୟଣ ମହାନ୍ତି, ଅଶୋକ ରାଉତ, ରବୀନ୍ଦ୍ର କୁମାର ମହାପାତ୍ର, ରତ୍ନରାଜ ମହାନ୍ତି, ଶିକ୍ଷକ ଶଶିଭୂଷଣ ପ୍ରଧାନ, ଗ୍ରାମବାସୀ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ, ବିଦ୍ୟାଳୟ ପରିଚାଳନା ପରିଷଦ ସଭ୍ୟାସଭ୍ୟ ପ୍ରମୁଖ ଯୋଗଦେଇଥିଲେ।

# ଋଣ ନେଣଦେଣରେ ଦଲାଲ ସକ୍ରିୟ

ପୁରୀ ଅଫିସ,୩୧।୮:

ଋଣରେ ଇକ୍ୱିଏଟେଡ୍ ମନ୍ଥ୍ଲି ଇନ୍ଷ୍ଟଲମେଣ୍ଟ (ଇଏମ୍ଆଇ) ବ୍ୟବସ୍ଥା ଲାଗୁ ହେବା ପରେ ବଜାରରେ ଅର୍ଥନୈତିକ ଉତ୍ସାହ ପରିଲକ୍ଷିତ ହୋଇଛି। ଲୋକେ ସୁଧ ସହ ଋଣ ଶୁଝିବାର ସହଜ ରାସ୍ତା ପାଇଛନ୍ତି। ଫଳରେ ବ୍ୟାଙ୍କିଂ ବ୍ୟବସ୍ଥା ଲାଭବାନ ହେବା ସହ ଗ୍ରାହକଙ୍କ କ୍ରୟ କ୍ଷମତା ବଢ଼ିଛି। ଏଭଳି ପରିବର୍ତ୍ତନ ଅର୍ଥନୀତି ବଜାର ପାଇଁ ଉତ୍ତମ ଖବର। ମାତ୍ର ଏହାକୁ ଆଳ କରି ଦଲାଲମାନେ ଟଙ୍କା ଲୁଟିବାରେ ସକ୍ଷମ ହେଉଛନ୍ତି। ଗ୍ରାହକମାନଙ୍କୁ ଏନେଇ କୌଣସି ସୂଚନା ମିଳୁନାହିଁ।

କ୍ରେଡିଟ୍ ଇନ୍ଫର୍ମେଶନ୍ ବ୍ୟୁରୋ ଇଣ୍ଡିଆ ଲିମିଟେଡ୍ (ସିବିଲ୍) ପକ୍ଷରୁ ସ୍କୋର ଠିକ୍ କରିବା ଆଳରେ ଅଧିକାଂଶ ଗ୍ରାହକଙ୍କଠାରୁ ମୋଟା ଅଙ୍କର ଟଙ୍କା ନିଆଯାଉଛି। ସାଧାରଣତଃ ଋଣ ପାଇଁ ସିବିଲ୍ ସ୍କୋରକୁ ପ୍ରମୁଖ ମାପଦଣ୍ଡ ଭାବେ ବିଚାର କରାଯାଇ ଥାଏ। ଅର୍ଥାତ୍ ଯାହାର ସିବିଲ୍ ସ୍କୋର ଅଧିକ ରହିଥାଏ, ସମ୍ପୃକ୍ତ ବ୍ୟକ୍ତିଙ୍କୁ ଋଣ ମିଳିବା ସହଜ ହୋଇଯାଏ। ୭୫୦ ସିବିଲ ସ୍କୋରକୁ ଆଦର୍ଶ ବୋଲି ଗ୍ରହଣ କରାଯାଉଥିବାବେଳେ ଏହାଠାରୁ ୩୦-୫୦ ସ୍କୋର କମ୍ ଥିବା ବ୍ୟକ୍ତିଙ୍କୁ ମଧ୍ୟ ଋଣ ମିଳିଥାଏ। ସ୍କୋରକୁ ଧ୍ୟାନରେ ରଖି ଋଣର ମାତ୍ରା କମ୍-ବହୁତ ହୁଏ। ଅନେକ ଏଜେନ୍ସି ବ୍ୟାଙ୍କ ଓ ଗ୍ରାହକଙ୍କ ମଧ୍ୟରେ ଯୋଗସୂତ୍ର ଭାବେ କାର୍ଯ୍ୟ କରୁଛନ୍ତି। ସମ୍ପୃକ୍ତ ଏଜେନ୍ସିମାନେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ଦ୍ୱାରା ଅନୁମୋଦିତ ହୋଇଥିବାରୁ ବ୍ୟାଙ୍କ ଏମାନଙ୍କ ସହ ଅର୍ଥନୈତିକ କାର୍ଯ୍ୟକଳାପ କରିବାକୁ ପଛଘୁଞ୍ଚା ଦେଉନାହାନ୍ତି। ତେବେ ଏହି ଏଜେନ୍ସିମାନଙ୍କ ଏଜେଣ୍ଟ ମାନେ ହିଁ ଦଲାଲ ସାଜି ଲୋକଙ୍କଠାରୁ ଟଙ୍କା ଲୁଟୁଛନ୍ତି। ଯେଉଁମାନଙ୍କର ସିବିଲ୍ ଖରାପ ସେମାନଙ୍କୁ ଋଣ ଯୋଗାଇବାରେ ସହାୟତା କରୁଛନ୍ତି ଓ ପ୍ରତିବଦଳରେ ମୋଟା ଅଙ୍କର ଅର୍ଥ ନେଉଛନ୍ତି। ଋଣ ମିଳିସାରିବା ପରେ ଏଜେଣ୍ଟମାନେ ଋଣର ୫ ପ୍ରତିଶତ ନଗଦ ରାଶି ଦାବି କରୁଛନ୍ତି। ବାରମ୍ୱାର ଆବେଦନ କରି ବିଫଳ ହୋଇଥିବା ବ୍ୟକ୍ତି ଋଣ ପାଇବା ଲୋଭରେ ଏଜେଣ୍ଟମାନଙ୍କୁ ଟଙ୍କା ଦେଉଛନ୍ତି। ପୁରୀ ସହରରେ ଏଭଳି ଏଜେଣ୍ଟମାନେ କ୍ରମାଗତ ଭାବେ ସକ୍ରିୟ ହେଉଥିବା ଦେଖିବାକୁ ମିଳୁଛି। ଲୋକଙ୍କୁ ଋଣ ନେବା ପାଇଁ କଲ୍ କରୁଥିବା ବ୍ୟକ୍ତି କୌଣସି ସରକାରୀ କିମ୍ବା ଘରୋଇ ବ୍ୟାଙ୍କର କର୍ମଚାରୀ ନୁହଁନ୍ତି ବୋଲି ଜଣାପଡୁଛି। ସମ୍ପୃକ୍ତ ଏଜେଣ୍ଟ ଋଣ କରାଇଦେବା ପାଇଁ ପ୍ରତିଶ୍ରୁତି ଦେଉଛନ୍ତି। ଜଣେ ବ୍ୟକ୍ତିଙ୍କର ସିବିଲ୍ ଯେତେ ଖରାପ ଥିଲେ ମଧ୍ୟ ତାହାକୁ ଠିକ୍ ସ୍କୋରକୁ ଅଣାଯାଇପାରିବ ବୋଲି ସେ ଦାବି କରୁଛନ୍ତି। ପ୍ରତିବଦଳରେ ଅତିକମ୍‌ରେ ଋଣର ୫ ପ୍ରତିଶତ ଦେବା ପାଇଁ କହୁଛନ୍ତି। ସଂପୃକ୍ତ ଟଙ୍କା ବଦଳରେ କୌଣସି ରସିଦ ମିଳିବ ନାହିଁ ବୋଲି ମଧ୍ୟ କୁହାଯାଉଛି। ଏଭଳି ଘଟଣା ବଢ଼ିବାରେ ଲାଗିଛି। ଋଣ ଚାହୁଁଥିବା ଲୋକେ ଏନେଇ ବିରୋଧ କରୁନାହାନ୍ତି, ଓଲଟା ଟଙ୍କା ଦେଇ ଋଣ ଉଠାଇ ଆଣୁଛନ୍ତି ବୋଲି ଏକ ବ୍ୟାଙ୍କର ଗ୍ରାହକ ଚିରଞ୍ଜୀବୀ ପରିଡ଼ା କହିଛନ୍ତି। ସେ କହିଛନ୍ତି, ଜଣେ ବ୍ୟକ୍ତି ଯଦି ଋଣ ନେବା ପାଇଁ ଯୋଗ୍ୟ ନୁହେଁ, ତେବେ ତାଙ୍କୁ ଋଣ ନ ମିଳିବା ଉଚିତ ନଚେତ ସ୍ୱଳ୍ପ ଋଣ ଦିଆଯିବା ଦରକାର। ମାତ୍ର ସଂପୃକ୍ତ ଅର୍ଥନୈତିକ ପରାମର୍ଶଦାତା ଏଜେନ୍ସିମାନେ ନିଜ କ୍ଷମତାର ଦୁରୁପଯୋଗ କରୁଛନ୍ତି। ଅନୈତିକ ଉପାୟରେ ଲୋକଙ୍କୁ ଋଣ ଦେଇ ନିଜେ ଲାଭବାନ ହେଉଛନ୍ତି। ସେହିଭଳି ଏକ ଘରୋଇ ବ୍ୟାଙ୍କର ମ୍ୟାନେଜର ନିଜ ନାମ ଗୋପନ ରଖି କହିଛନ୍ତି, ସରକାରୀ ବ୍ୟାଙ୍କରେ ଏଭଳି କାର୍ଯ୍ୟକଳାପ ହେଉଥାଇପାରେ। ମାତ୍ର ଘରୋଇ ବ୍ୟାଙ୍କରେ ଏହା ସମ୍ଭବ ନୁହେଁ। ଅନ୍ୟପକ୍ଷରେ ଅର୍ଥନୈତିକ ବିଶେଷଜ୍ଞ ପ୍ରିୟମ୍ୱଦା ପ୍ରିୟଦର୍ଶିନୀ କହିଛନ୍ତି, ସିବିଲ ସ୍କୋରକୁ ଅଚାନକ ଭାବେ ବଢାଯାଇପାରିବ ନାହିଁ। ଯଦି ଋଣ ପଇଠରେ ଅନିୟମିତତା ହୋଇଛି, ତେବେ ଏହାକୁ ଧିରେ ଧିରେ ନିର୍ଦ୍ଦିଷ୍ଟ ପଦ୍ଧତିରେ ଠିକ୍ କରାଯାଇପାରିବ। ସିବିଲ୍ ସୁଧାରିବା ପାଇଁ ଅନେକ ଏଜେନ୍ସି ମଧ୍ୟ ରହିଛନ୍ତି। ସେମାନେ ପରାମର୍ଶଦାତା ଭାବେ କାର୍ଯ୍ୟ କରନ୍ତି। ମାତ୍ର ଯେଉଁ ଅଭିଯୋଗ ସମ୍ପର୍କରେ ଏଠାରେ ଉଲ୍ଲେଖ କରାଯାଉଛି ତାହା ସମ୍ପୂର୍ଣ୍ଣ ରୂପେ ଅନୈତିକ। ଅକସ୍ମାତ୍ ସିବିଲ୍ ଠିକ୍ କରି ଋଣ ଦେବା ଦ୍ୱାରା ଅନେକ ପ୍ରମୁଖ ସମସ୍ୟାର ସାମ୍ନା କରିବାକୁ ପଡ଼ିବ। ମୁଖ୍ୟତଃ ଋଣ ନେବାର କ୍ଷମତା ନ ଥିବା ଲୋକଙ୍କୁ ମାତ୍ରାଧିକ ଋଣ ଦେବା ଫଳରେ ଏନ୍‌ପିଏ (ନନ୍ ପର୍‌ଫର୍ମିଂ ଆସେଟ୍) ବଢୁଛି। ସେହିଭଳି ଦଲାଲମାନେ ଟଙ୍କା ଲୁଟୁଥିବାରୁ ବଜାରରେ କଳାଧନ ବଢ଼ିବାରେ ଲାଗିଛି।

### ସିବିଲ ସ୍କୋର ସୁଧାରିବାକୁ ଆସୁଛି ଫୋନ୍ କଲ୍






କେନାଲ ବନ୍ଧ ଭାଙ୍ଗିଯିବାରୁ ପିପିଲି ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ପଞ୍ଚାୟତର ଆରୁହା ଗ୍ରାମ ନିକଟବର୍ତ୍ତୀ ଚାଷଜମି ଜଳାର୍ଣ୍ଣବ ହୋଇଯାଇଛି ।

# ବନ୍ଧ ଭାଙ୍ଗି ଶହ ଶହ ଏକର ଧାନଜମି ଜଳମଗ୍ନ

ପିପିଲି,୩୧।୮(ଡି.ଏନ୍.ଏ.):

ପିପିଲି ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ପଞ୍ଚାୟତର ଆରୁହା ଗ୍ରାମ ନିକଟରେ ମଙ୍ଗଳବାର ରାତିରେ ଡେଲାଙ୍ଗ ଡ୍ରିଷ୍ଟ୍ରିବ୍ୟୁଟର କେନାଲର ପଶ୍ଚିମ ପାର୍ଶ୍ୱ ବନ୍ଧ ଭାଙ୍ଗି ୩୦ ଫୁଟର ଘାଇ ସୃଷ୍ଟି ହୋଇଛି। ଫଳରେ ଆରୁହା ଏବଂ ସିଉଳା ମୌଜାର ଶହ ଶହ ଏକର ଧାନ ଜମି ଜଳମଗ୍ନ ହୋଇଯାଇଛି। ଜମିରୁ ଶୀଘ୍ର ଜଳ ନିଷ୍କାସନ ନ ହେଲେ ଧାନ ଗଛ ପଚିଯିବାର ସମ୍ଭାବନା ରହିଛି। ଗୋଟେ ପଟେ ବନ୍ୟା ଆଉ ଏବେ କେନାଲ ବନ୍ଧ ଭାଙ୍ଗି ଧାନଜମି ଜଳମଗ୍ନ ଚାଷୀ ପାଇଁ ଚିନ୍ତାର କାରଣ ବୋଲି ଚାଷୀ କହିଛନ୍ତି। ଦୀର୍ଘ ବର୍ଷଧରି କେନାଲ ମରାମତି ନ ହେବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ସ୍ଥାନୀୟ ବାସିନ୍ଦା କହିଛନ୍ତି। ତୁରନ୍ତ ଘାଇ ମରାମତି କରିବା ସହ ଧାନ ଜମିରୁ ପାଣି ନିଷ୍କାସନ ପାଇଁ ଚାଷୀ ପ୍ରଶାସନ ପାଖରେ ଦାବି ଜଣାଇଛନ୍ତି।

# ଗଣେଶଙ୍କୁ ୧୦୦୧ ଲଡୁ ଭୋଗ ହେଲା

ଅସ୍ତରଙ୍ଗ,୩୧।୮(ଡି.ଏନ୍.ଏ.):

ଅସ୍ତରଙ୍ଗ ବ୍ଲକର ଦେବୀନଦୀ କୂଳରେ ଅବସ୍ଥିତ ନଇଗୁଆଁ ଗ୍ରାମର ୧୦୦୦ ବର୍ଷ ତଳର ପୁରାତନ ସ୍ୱୟଂ ଭୂ-ଗଣେଶ ମନ୍ଦିରରେ ପୂଜା ପାଉଛନ୍ତି ବୁଢ଼ା ଗଣେଶ। କିମ୍ବଦନ୍ତୀ ଅନୁସାରେ, ଏଠାରେ ଗଜାନନ ସ୍ୱୟଂ ଆବିର୍ଭୂତ ହୋଇଛନ୍ତି। ଏହି ମନ୍ଦିରର ଏକ ବିଶେଷ ନୀତି ହେଲା, ଏଠାରେ ୧୦୦୧ଟି ଅମୃତ ଲଡୁ ଭୋଗ ଲାଗିଥାଏ। ଏକ ପିତ୍ତଳ ଥାଳିରେ ସମସ୍ତ ଲଡୁକୁ ମନ୍ଦିର ବେଢ଼ା ପରିକ୍ରମା କରାଯିବା ପରେ ଭୋଗ ହୋଇଥିଲା। ଏହି ଅମୃତ ଲଡୁକୁ ଯେଉଁ ଭକ୍ତ ଖାଆନ୍ତି ତାଙ୍କର ବିଦ୍ୟା ବୁଦ୍ଧି ଆଉ ଜ୍ଞାନ ପରିପୂର୍ଣ୍ଣ ହୋଇଥାଏ ବୋଲି ବିଶ୍ୱାସ ରହିଛି। ସେହିପରି ଅସ୍ତରଙ୍ଗର ବିଭିନ୍ନ ବିଦ୍ୟାଳୟ, କ୍ଲବ, ମନ୍ଦିର, ନଗରରେ ୩୦ ଫୁଟର ମୂର୍ତ୍ତି ପୂଜା ବହୁ ଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି।



ଅସ୍ତରଙ୍ଗ ବ୍ଲକ ନଇଗୁଆଁ ଗ୍ରାମରେ ଶ୍ରୀଗଣେଶଙ୍କ ପୂଜାର୍ଚ୍ଚନା କରାଯାଉଛି ।

# ମିଶନ ଶକ୍ତି ଗୃହ ଉଦ୍‌ଘାଟନ କଲେ ବିଧାୟକ

ପିପିଲି,୩୧।୮(ଡି.ଏନ୍.ଏ.):

ପିପିଲି ବ୍ଲକ ଯଶୁଆପୁର ପଞ୍ଚାୟତର ନବ ନିର୍ମିତ ମିଶନ ଶକ୍ତି ଗୃହକୁ ପିପିଲି ବିଧାୟକ ରୁଦ୍ରପ୍ରତାପ ମହାରଥୀ ବୁଧବାର ଉଦ୍‌ଘାଟନ କରିଛନ୍ତି। ଏହି ଆନୁକୂଲ୍ୟରେ କୁମାରଶ୍ୱରଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ରାଜ୍ୟରେ ମହିଳାଙ୍କ ବିକାଶ ପାଇଁ ଶତକଡା ୫୦% ଭାଗ ଅଗ୍ରାଧିକାର ଦିଆଯାଇଛି। ଆଗକୁ ମଧ୍ୟ ସେମାନଙ୍କ ବିକାଶ ପାଇଁ ମୋର ସହଯୋଗ ସଦା ସର୍ବଦା ରହିବ ବୋଲି ବୈଠକରେ ବିଧାୟକ ମହାରଥୀ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ଦେବସ୍ୱିନୀ ନନ୍ଦ, ଉପାଧ୍ୟକ୍ଷ ପ୍ରଫୁଲ୍ଲ ସ୍ୱାଇଁ, ଜିଲା ପରିଷଦ ସଭ୍ୟ ଧରଣୀଧର ସାହୁ, ସମିତିସଭ୍ୟ ରଶ୍ମି ରଞ୍ଜନ ଭଞ୍ଜ, ସରସ୍ୱତୀପୁର ପଞ୍ଚାୟତ ସମିତିସଭ୍ୟ ସୁଦର୍ଶନ ପ୍ରଧାନ, ଯଶୁଆପୁର ପଞ୍ଚାୟତସ୍ତରୀୟ ସଂଘ ସଭାନେତ୍ରୀ ଲିପିକା ମହାପାତ୍ର, ସମ୍ପାଦିକା ରଶ୍ମିତା ମହାନ୍ତୀ, ମହିଳା ନେତ୍ରୀ ଝୁନା ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ପୂର୍ବତନ ସରପଞ୍ଚ ପଦ୍ମଲାଭ ସାମନ୍ତରାୟ, ପୂର୍ବତନ ସମିତିସଭ୍ୟ ହରିହର ରାଉତ, ଆଶିଷ ବରାଳଙ୍କୁ ମିଶନଶକ୍ତି ପକ୍ଷରୁ ଫୁଲ ତୋଡା ଓ ଉତ୍ତରୀୟ ଦେଇ ସ୍ୱାଗତ କରାଯାଇଥିଲା।

### ଭକ୍ତ ଦାସିଆ ପୀଠରେ ଗଣେଶ ପୂଜା

ପିପିଲି,୩୧।୮(ଡି.ଏନ୍.ଏ.):

ପିପିଲି ତଥା ଆଖପାଖ ଗ୍ରାମରେ ୨ବର୍ଷ କରୋନା କଟକଣା ପରେ ଗଣେଶ ପୂଜା ପାଳିତ ହୋଇଯାଇଛି। ପିପିଲି ନିକଟବର୍ତ୍ତୀ ବାଲିଗାଁଠାରେ ଅବସ୍ଥିତ ଭକ୍ତ ଶିରୋମଣି ଦାସିଆଙ୍କ ଜନ୍ମ ଓ ସାଧନା ପୀଠରେ ଗଣେଶ ପୂଜା ପାଳିତ ହୋଇଯାଇଛି। ଭକ୍ତ ଦାସିଆ ସ୍ମୃତି କମିଟି ପକ୍ଷରୁ ଆୟୋଜିତ ଏହି ପୂଜାରେ ଶ୍ରୀ ଗଣେଶ ମନ୍ଦିରରେ ସ୍ୱତନ୍ତ୍ର ପୂଜା ଓ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ କର୍ତ୍ତା ଭାବେ କମିଟିର କୋଷାଧ୍ୟକ୍ଷ ତଥା ବରିଷ୍ଠ ଟ୍ରଷ୍ଟି ଅର୍ଜୁନ ଚରଣ ସାମଲ ଯୋଗଦେଇଥିଲେ। ମୁଖ୍ୟ ପୂଜକ ଲକ୍ଷ୍ମୀଧର ପାଢୀ, ସହାୟକ ପୂଜକ ଲକ୍ଷ୍ମୀଧର ଦୀକ୍ଷିତ ଓ ପ୍ରହ୍ଲାଦ ମିଶ୍ର ଠାକୁରଙ୍କ ନୀତିକାନ୍ତି ସମ୍ପୂର୍ଣ୍ଣ କରିଥିଲେ। ଶ୍ରଦ୍ଧାଳୁମାନେ ପୁଷ୍ପାଞ୍ଜଳି ଦେବା ପରେ ପ୍ରସାଦ ବିତରଣ କରାଯାଇଥିଲା। କମିଟିର ସାଧାରଣ ସମ୍ପାଦକ ଘନଶ୍ୟାମ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉପସଭାପତି ନରେନ୍ଦ୍ରନାଥ ସାହୁଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସେହିପରି ପିପିଲି ବଜାର ବ୍ୟବସାୟୀ ସଂଘ, ବିଭିନ୍ନ କ୍ଲବ, ଶିକ୍ଷାନୁଷ୍ଠାନ, ବ୍ୟବସାୟ ପ୍ରତିଷ୍ଠାନ ସମେତ ଘରେ ଘରେ ଗଜାନନଙ୍କ ପୂଜାର୍ଚ୍ଚନା କରାଯାଇଥିଲା।

# ମାଛ ଚୋରିରୁ ଗଣ୍ଡଗୋଳ, ୩ ଗିରଫ

ସାକ୍ଷୀଗୋପାଳ, ୩୧।୮(ଡି.ଏନ୍.ଏ./ସ୍ୱ.ପ୍ର.):

ମାଛ ଚୋରି ଘଟଣାକୁ ନେଇ ସତ୍ୟବାଦୀ ଥାନା ପୋଲିସ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସତ୍ୟବାଦୀ ଥାନା ଅନ୍ତର୍ଗତ ବ୍ରାହ୍ମଣପଡାର ସୁମନ ମଲ୍ଲିକ, ରବି ମଲ୍ଲିକ, ଆନନ୍ଦ ମଲ୍ଲିକ। ଏନେଇ ପୋଲିସ ୨ଟି ମାମଲା ରୁଜୁ କରି ୩ ଜଣଙ୍କୁ କୋର୍ଟ ଚାଲାଣ କରିଛି।

ସୂଚନା ମୁତାବକ, ସତ୍ୟବାଦୀ ଥାନା ଅନ୍ତର୍ଗତ ସୁକଳ ଛକରେ ଥିବା ମାଛ ଗୋଦାମରୁ ୨୯ ତାରିଖ ବିଳମ୍ବିତ ରାତିରେ ସୁମନ ମଲ୍ଲିକ ଏବଂ ତାଙ୍କ ବାପା ରବି ମାଛ ଚୋରାଇ ନେଉଥିଲେ। ଏହି ସମୟରେ ଗୋଦାମର ମାଲିକ ସବୀର ମଲ୍ଲିକ ଏବଂ ତାଙ୍କ ବାପା ଭଗବାନ ମଲ୍ଲିକଙ୍କ ହାତରେ ସେମାନେ ଧରା ପଡିଥିଲେ। ଏହି କଥା ପ୍ରଘଟ ହେବା ଭୟରେ ସବୀରଙ୍କୁ ସୁମନ ଭୟଭୀତ କରିବା ସହ ଭଗବାନଙ୍କୁ ଭୁଜାଲିରେ ଆକ୍ରମଣ କରିଥିଲେ। ସେଥିରେ ଭଗବାନ ଗୁରୁତର ହୋଇ ପୁରୀ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଏନେଇ ସବୀର ମଙ୍ଗଳବାର ସତ୍ୟବାଦୀ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ. ୨୫୨/୨୨) ରୁଜୁ କରି ସୁମନ ଏବଂ ରବିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏଥିସହ ତାଙ୍କ ପାଖରୁ ମାରଣାସ୍ତ୍ର ଜବତ କରିଥିଲା। ସେହି ଘଟଣାକୁ କେନ୍ଦ୍ର କରି ମଙ୍ଗଳବାର ମଧ୍ୟାହ୍ନ ସମୟରେ ସୁମନଙ୍କ ୨ ଭାଇ ସବୀରଙ୍କ ଦୋକାନକୁ ଯାଇ ତାଙ୍କ ମା' ସୁକାନ୍ତିଙ୍କୁ ଗାଳି ଗୁଲଜ ସହ ଟଣାଓଟରା କରି ମାରିଦେବାକୁ ଧମକ ଚମକ ଦେଇଥିଲେ। ଏଥିସହ ୩ ହଜାର ଟଙ୍କା ତାଙ୍କଠାରୁ ଛଡାଇ ନେଇଥିଲେ। ଏନେଇ ସୁକାନ୍ତି ସତ୍ୟବାଦୀ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା (ନଂ. ୨୫୩/୨୨) ରୁଜୁ କରି ସୁମନଙ୍କ ଭାଇ ଆନନ୍ଦଙ୍କୁ ଗିରଫ କରି ସେହି ଦିନ କୋର୍ଟ ଚାଲାଣ କରିଛି।

# ନିଲାମ ହୋଇପାରିଲାନି ଭୋଗ ଦୋକାନ

କାକଟପୁର,୩୧।୮(ଡି.ଏନ୍.ଏ.):

### କାକଟପୁର ମଙ୍ଗଳା ମନ୍ଦିର

ମହାମାରୀ କୋଭିଡ୍ ପରଠାରୁ କାକଟପୁରର ମା' ମଙ୍ଗଳାଙ୍କ ମନ୍ଦିରରେ ବିଭିନ୍ନ କାର୍ଯ୍ୟକୁ ନେଇ ପ୍ରଶାସନିକ ବିଶୃଙ୍ଖଳା ଲାଗିରହିଛି। ଫଳରେ ମନ୍ଦିର ପରିସରସ୍ଥ ଭୋଗ, ଦୀପ ଦୋକାନ ଚଳିତବର୍ଷ ନିଲାମ ହୋଇ ନ ପାରି ଏକରକମ ଅଚଳାବସ୍ଥା ସୃଷ୍ଟି ହୋଇଛି। ଏଥିଯୋଗୁ ୪-୫ ଦିନ ହେବ ଦୂରଦୂରାନ୍ତରୁ ଆସୁଥିବା ଶ୍ରଦ୍ଧାଳୁ ଠିକ୍ ଭାବେ ଭୋଗ କରିପାରୁନାହାନ୍ତି। ସୂଚନା ଅନୁଯାୟୀ, ୨୦୨୨-୨୩ ଆର୍ଥିକ ବର୍ଷରେ ମନ୍ଦିରର ଭୋଗ ଓ ଦୀପ ଦୋକାନ ନେବା ପାଇଁ ୨୬ ଜଣ ଫର୍ମ ନେଇଥିଲେ। କିନ୍ତୁ ନିଲାମ ଡାକରା ଦିନ ନିଲାମରାଶି ଅତ୍ୟଧିକ ଥିବା ଯୋଗୁ କେହି ନିଲାମ ନେଇପାରି ନ ଥିଲେ। ମନ୍ଦିର ପ୍ରଶାସନ ଓ ଦେବୋତ୍ତର କମିଶନର କାର୍ଯ୍ୟାଳୟ ପକ୍ଷରୁ ନିଲାମରାଶି ନ କମାଯିବାରୁ ଚଳିତବର୍ଷ ଭୋଗ ଦୋକାନ ନିଲାମ ହୋଇପାରିଲାନି। ଏହି ଭୋଗ ଦୋକାନ ନିଲାମକୁ ନେଇ ପ୍ରଶାସନର ନୀରବତା ଯୋଗୁ ପ୍ରତିବର୍ଷ ନିଲାମରାଶି ବୃଦ୍ଧି ପାଇବାରେ ଲାଗିଛି। ମନ୍ଦିରର ଆୟ ବୃଦ୍ଧି ପାଉଥିବା ଯୋଗୁ ପ୍ରଶାସନ ନିଲାମରାଶି ଉପରେ ଲଗାମ ଲଗାଉନାହାନ୍ତି। ଫଳରେ ନିଲାମଧାରୀମାନେ ନିଲାମ ନେବାକୁ ରାଜି ହେଉନାହାନ୍ତି। ଅନ୍ୟପକ୍ଷେ ଦେବୋତ୍ତର ବିଭାଗ ଦ୍ୱାରା ସ୍ଥିରୀକୃତ ଭୋଗ ଓ ଦୀପର ଧାର୍ଯ୍ୟ ମୂଲ୍ୟଠାରୁ କମ୍ ଦାମ୍‌ରେ ଉନ୍ନତମାନର ଭୋଗ ଓ ଦୀପ ବଜାରରେ ଉପଲବ୍ଧ ହେଉଛି। କେବଳ ପାର୍କିଂ ପାଇଁ ୧୯ ଲକ୍ଷ ୯୦ ହଜାର, ଜୋତା ଓ ମୋବାଇଲ ଷ୍ଟାଣ୍ଡ ଲାଗି ୮ ଲକ୍ଷ ୪୦ହଜାର ଟଙ୍କାରେ ନିଲାମ କରାଯାଇଛି। ବିକଳ୍ପ ବ୍ୟବସ୍ଥା ନ ହେବା ପର୍ଯ୍ୟନ୍ତ ଶ୍ରଦ୍ଧାଳୁମାନେ ନିଜ ନିଜ ବ୍ୟବସ୍ଥାରେ ଭୋଗ, ଦୀପ ଲାଗି କରିପାରିବେ ବୋଲି ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ଦାଶ ସୂଚନା ଦେଇଛନ୍ତି।

### ଟ୍ରକ୍ ଚକାତଳେ ଚାପିହୋଇ ଯୁବକ ମୃତ

କଣ୍ଟାପଡା, ୩୧।୮(ଡି.ଏନ୍.ଏ.)

ଫୁଲନଖରା-ନିଆଳି ରାସ୍ତାର ଅଡଶପୁର ବଜାରରେ ବୁଧବାର ଏକ ମାଲ୍‌ବାହୀ ଟ୍ରକ ଚକାତଳେ ଚାପିହୋଇ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କାକଟପୁର ଥାନା ଅଧୀନ ନରଣପୁର ଗ୍ରାମର ଚିତ୍ତରଞ୍ଜନ ମୁଦୁଲି। ସୋମବାର ଚିତ୍ତରଞ୍ଜନ ମହଙ୍ଗପଡାସ୍ଥିତ ମାମୁଘରକୁ ବୁଲିବାକୁ ଆସିଥିଲେ। ବୁଧବାର ସେ ଓ ରାଜେନ୍ଦ୍ର ଏକ ବାଇକ୍‌ରେ ଅଡଶପୁର ବୁଲିବାକୁ ଆସିଥିଲେ। ସେଠାରୁ ଅପରାହ୍ନ ପ୍ରାୟ ୧ଟାରେ ସେମାନେ ମହଙ୍ଗପଡା ଫେରୁଥିବାବେଳେ ଅଡଶପୁର ବଜାରରେ ଉକ୍ତ ଟ୍ରକ୍ ସେମାନଙ୍କୁ ଓଭରଟେକ୍ କରି ଆଗକୁ ଯାଇଥିଲା। ରାସ୍ତାପାର୍ଶ୍ୱରେ ଜବରଦଖଲ ହୋଇଥିବାରୁ ଚିତ୍ତରଞ୍ଜନ ବାଇକ୍ ଅଟକାଇବାକୁ ଅସମର୍ଥ ହୋଇଥିଲେ। ତାଙ୍କ ଶାର୍ଟ ଟ୍ରକ୍‌ର ହୁକ୍‌ରେ ଲାଗିଯିବାରୁ ସେ ଭାରସାମ୍ୟ ହରାଇ ତଳେ ପଡିଯାଇଥିଲେ। ଏହି ସମୟରେ ଟ୍ରକ ଚକ ତାଙ୍କ ମୁଣ୍ଡ ଉପରେ ମାଡି ଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା।

# ଅଞ୍ଚଳର ସମସ୍ୟା ନେଇ ଭାଜପା ପାଳିଲା କଳା ଦିବସ




ନିମାପଡା ଭାଜପା ପକ୍ଷରୁ ବାହାରିଥିବା ଶୋଭାଯାତ୍ରା ।

ନିମାପଡ଼ା,୩୧।୮(ଡି.ଏନ୍.ଏ.):

ନିମାପଡ଼ା ଏନ୍ଏସି ପକ୍ଷରୁ ବୁଧବାର ଆୟୋଜିତ ସ୍ୱାୟତ ଶାସନ ଦିବସକୁ ଭାଜପା କଳା ଦିବସ ରୂପେ ପାଳନ କରିଛି। ଅନୁଷ୍ଠିତ ଉତ୍ସବକୁ ଭାଜପା କାଉନ୍‌ସିଲରମାନେ ବର୍ଜନ କରି କଳା ବ୍ୟାଜ ପରିଧାନ କରିଥିଲେ। ଏଥିସହ ଶତାଧିକ ଭାଜପା ନେତୃବୃନ୍ଦ ଓ କର୍ମୀ କଳାବ୍ୟାଜ ପରିଧାନ କରି ମୁଣ୍ଡରେ କଳାପଟି ବାନ୍ଧି ବିଭିନ୍ନ ନାରା ଦେଇ ଏକ ପଦଯାତ୍ରାରେ ସହର ପରିକ୍ରମା କରିବା ସହ ଏନ୍ଏସି ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିଜେଡିର ଏକ ବାଇକ୍ ଶୋଭାଯାତ୍ରାରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ଜଗତ୍‌ସିଂହପୁର ଏମ୍‌ପି ରାଜଶ୍ରୀ ମଲ୍ଲିକ, ଏନ୍ଏସି ଅଧ୍ୟକ୍ଷା ସସ୍ମିତା ସାହୁ ପ୍ରମୁଖ ଏକ ନୂତନ ପ୍ରକଳ୍ପର ଶୁଭାରମ୍ଭ କରିବାକୁ ଦଳୀୟ କର୍ମୀଙ୍କ ସହ ଯାଉଥିଲେ। ଜୟଶ୍ରୀ ଛକଠାରେ ଭାଜପା କର୍ମୀ ମନ୍ତ୍ରୀ ଏବଂ ଏମ୍‌ପିଙ୍କୁ କଳାପଟି, ପ୍ଲାକାର୍ଡ ପ୍ରଦର୍ଶନ କରିଥିଲେ। ସେହି ସମୟରେ ପୋଲିସ ବାହିନୀ ଭାଜପା କର୍ମୀମାନଙ୍କୁ କାବୁ କରିଥିଲେ। ଭାଜପା କାଉନ୍‌ସିଲରମାନଙ୍କ ନେତା ନିରଞ୍ଜନ ନାୟକ, କାଉନ୍‌ସିଲର ରଞ୍ଜିତା ପାତ୍ର, ଟିଙ୍କିନା ପଣ୍ଡା, ଭାଜପା ନେତା ଦିଲୀପ ପାତ୍ର, ଜାନକୀନାଥ ଜେନା, ଯତୀନ୍ଦ୍ର ସ୍ୱାଇଁ, ରାକେଶ ସେନାପତି, ମାନସ ପ୍ରଧାନ, ସ୍ୱପ୍ନ କୁମାର ମିଶ୍ର, ପୂର୍ଣ୍ଣଚନ୍ଦ୍ର ସାହୁ, ବିଜୟ ପଣ୍ଡା ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

**କଣ୍ଟାବାଡ଼ରେ ଶ୍ରୀଗଣେଶ ମହୋତ୍ସବ**

ବେଗୁନିଆ,(ଡି.ଏନ୍.ଏ.) ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ଼ ଗ୍ରାମରେ ଗଣେଶ ପୂଜା ଅବସରରେ ବୁଧବାର ଶ୍ରୀ ଗଣେଶ ମହୋତ୍ସବ- ୨୦୨୨ ଉଦ୍‌ଘାଟନ ହୋଇଯାଇଛି। ଶିକ୍ଷାବିତ କୁଳମଣି ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମଞ୍ଚରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ କୃଷ୍ଣଚନ୍ଦ୍ର ବାହିନୀପତି ଯୋଗଦେଇ ଶୁଭାରମ୍ଭ କରିଥିଲେ। ବରେଣ୍ୟ ଅତିଥି ଭାବେ କଣ୍ଟାବାଡ ଇଣ୍ଡିଆନ ବ୍ୟାଙ୍କର କୋଷାଧ୍ୟକ୍ଷ ସତ୍ୟବାଦୀ ଦୋରା ଉପସ୍ଥିତ ଥିଲେ। ମହୋତ୍ସବ ପରିଚାଳନା ପରିଷଦର ସଭାପତି ଶ୍ରୀକାନ୍ତ ବାହିନୀପତିଙ୍କ ସଂଯୋଜନାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭୁବନେଶ୍ୱରର ମେଲୋଡି ଗ୍ରୁପ ଦ୍ୱାରା ସଙ୍ଗୀତ ପରିବେଷଣ କରାଯାଇଥିଲା। ଦିଲୀପ ପାଣିଗ୍ରାହୀ ଅତିଥି ପରିଚୟ ଦେଇଥିବାବେଳେ ମାନସ ରଞ୍ଜନ ଦାଶ ଧନ୍ୟବାଦ ଦେଇଥିଲେ।



## ଜୁଏଲ-୭୮ ତରଫରୁ ବିଦ୍ୟାଳୟରେ ବିଘ୍ନରାଜଙ୍କ ମୂର୍ତ୍ତି ସ୍ଥାପିତ

**ଟାଙ୍ଗୀ (ଖୋର୍ଦ୍ଧା),୩୧।୮(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲାର ଅନ୍ୟତମ ପୁରାତନ ଶିକ୍ଷାନୁଷ୍ଠାନ ଟାଙ୍ଗୀ ବଳରାମ ଦେବ ବିଦ୍ୟାପୀଠ ପରିସରରେ ୧୯୭୮ ମସିହା ମାଟ୍ରିକ୍ ବ୍ୟାଚ୍ ( ଜୁଏଲ-୭୮ )ର ସହପାଠୀଙ୍କ ଉଦ୍ୟମରେ ବିଘ୍ନରାଜ ଶ୍ରୀଗଣେଶ ଓ ବିଦ୍ୟାଦାତ୍ରୀ ମା' ସରସ୍ୱତୀଙ୍କ ମୂର୍ତ୍ତି ସ୍ଥାପିତ ହୋଇଛି। ବୁଧବାର ଗଣେଶ ପୂଜା ଅବସରରେ ଏକ ଆଧାତ୍ମିକ ପରିବେଶ ମଧ୍ୟରେ ପୁରାତନ ଛାତ୍ର, ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରୀଛାତ୍ରଙ୍କ ଉପସ୍ଥିତିରେ ପୂଜାର୍ଚ୍ଚନା, ହୋମଯଜ୍ଞ କାର୍ଯ୍ୟ ସମାପନ କରାଯାଇଥିଲା। କାର୍ଯ୍ୟକ୍ରମରେ ପୂର୍ବତନ ପ୍ରଧାନ ଶିକ୍ଷକ ରମେଶ ବଳବନ୍ତରାୟ, ଫଣୀଭୂଷଣ ରଥ, ବିଜୟ ରାଉତ, ସରପଞ୍ଚ କିଶୋର ବେହେରା, ବିଶ୍ୱଜିତ ପଲାଇ, ଆଇନଜୀବୀ ବିଶ୍ୱଜିତ ରାଉତରାୟ, ରାମଚନ୍ଦ୍ର ସାହୁ, ରଘୁନାଥ ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁନୀଲ ମହାନ୍ତି, ଗଣେଶ ବାରିକ ଉପସ୍ଥିତ ଥିଲେ।

# ବଟି ପାଇଁ ମିଶନ ଶକ୍ତି ଗୃହ ଭାଙ୍ଗିଦେଲେ

### ସ୍ୱାୟତ୍ତଶାସନ ଦିବସରେ ଉଦ୍‌ଘାଟନ ହେବାର ଥିଲା

**ଖୋର୍ଦ୍ଧା ଅଫିସ,୩୧।୮**

ଖୋର୍ଦ୍ଧା ପୌରପରିଷଦ ଆନୁକୂଲ୍ୟରେ ୬୩ତମ ସ୍ୱାୟତ୍ତଶାସନ ଦିବସ ପାଳନ ଉପଲକ୍ଷେ ବୁଧବାର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କାର୍ଯ୍ୟକ୍ରମ ସ୍ଥିର ହୋଇଥିଲା। ତେବେ ପଲ୍ଲାହାଟ ହନୁମାନ ବସ୍ତିରେ ବସ୍ତିବାସିନ୍ଦାଙ୍କ ପାଇଁ ନିର୍ମିତ ଶୌଚାଳୟ ଓ ମିଶନ ଶକ୍ତି ଗୃହ ଉଦ୍‌ଘାଟନ ପୂର୍ବରୁ କେତେଜଣ ଦୁର୍ବୃତ୍ତ ଭାଙ୍ଗିଦେଇଥିବା ଶିଳ୍ପାଞ୍ଚଳ ଫାଣ୍ଡିରେ ଅଭିଯୋଗ ହୋଇଛି। ଏକଲକ୍ଷ ଟଙ୍କା ବଟି ନ ଦେଲେ ସେଠାରେ କୌଣସି ଉନ୍ନୟନ କାର୍ଯ୍ୟ କରାଇ ଦିଆଯିବ ନାହିଁ ଏବଂ ଜୀବନରୁ ମାରିଦିଆଯିବ ବୋଲି ଧମକ ଦିଆଯାଇଥିବା ନେଇ କେତେଜଣ ବସ୍ତି ବାସିନ୍ଦା ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ସୂଚନାଯୋଗ୍ୟ, ଖୋର୍ଦ୍ଧା ପୌରପରିଷଦ ପକ୍ଷରୁ ପଲ୍ଲାହାଟ ହନୁମାନ ବସ୍ତିରେ ଲୋକଙ୍କ ବ୍ୟବହାର ଲାଗି ଏକ ଶୌଚାଳୟ ଏବଂ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ସକାଶେ ମିଶନ ଶକ୍ତି ଗୃହ ନିର୍ମାଣ କରାଯାଇଥିଲା। ସ୍ୱାୟତ୍ତଶାସନ ଦିବସରେ ବିଧାୟକ ଏବଂ ଅନ୍ୟ ଅତିଥିଙ୍କ ଦ୍ୱାରା ଏହାର ଉଦ୍‌ଘାଟନ କାର୍ଯ୍ୟକ୍ରମ ରହିଥିଲା। ସକାଳେ ମହିଳାମାନେ ଏକାଠି ହୋଇ ସେହି ସ୍ଥାନରେ ମୁରୁଜ ପକାଉଥିଲେ। ଏହିସମୟରେ କେତେଜଣ ବ୍ୟକ୍ତି ମାରଣାସ୍ତ୍ର, ଏସିଡ୍ ବୋତଲ ଧରି ସେଠାରେ ପହଞ୍ଚି ମହିଳାମାନଙ୍କୁ ଗାଳିଗୁଲଜ କରିଥିଲେ। ବଟି ନ ଦେଲେ ଏଠାରେ କିଛି ପ୍ରକଳ୍ପ ହୋଇପାରିବ ନାହିଁ ବୋଲି ଧମକଚମକ ଦେବା ସହ ଆକ୍ରମଣ କରିଥିଲେ। ବୋତଲ ଫିଙ୍ଗାଫିଙ୍ଗି କରିବାରୁ ମହିଳାମାନେ ଭୟରେ ସେଠାରୁ ପଳାଇଥିଲେ। ଏହାପରେ ସମ୍ପୃକ୍ତ ବ୍ୟକ୍ତିମାନେ ଉଭୟ ଗୃହର କବାଟ, ଝରକା ପ୍ରଭୃତି ଭାଙ୍ଗି ଚାଲିଯାଇଥିଲେ। ବିନା ବଟିରେ କାମ କଲେ ଜୀବନରୁ ମାରିଦେବାକୁ ଧମକ ଦିଆଯାଇଥିବା ନେଇ ମଧ୍ୟ ଅଭିଯୋଗ ହୋଇଛି।



ଭଙ୍ଗାଯାଇଥିବା ମିଶନ ଶକ୍ତି ଗୃହ।



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି।

## 'ସହରର ଉନ୍ନତି ପାଇଁ ବିଭିନ୍ନ କାର୍ଯ୍ୟ ଆରମ୍ଭ ହେବ'

### ସ୍ୱାୟତ୍ତ ଶାସନ ଦିବସ ପାଳିତ

**ବାଲୁଗାଁ, ୩୧।୮(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ବାଲୁଗାଁ ଏନ୍‌ଏସିରେ ସ୍ୱାୟତ୍ତ ଶାସନ ଦିବସ ବୁଧବାର ପାଳିତ ହୋଇଯାଇଛି। ପ୍ରଥମେ ଏନ୍‌ଏସିର ସମସ୍ତ କର୍ମଚାରୀ ରାମଧୂନ ସହ ଶୋଭାଯାତ୍ରାରେ ଯାଇ ବାଲୁଗାଁ ଗାନ୍ଧୀ ଛକଠାରେ ଅବସ୍ଥାପିତ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହାପରେ କାର୍ଯ୍ୟାଳୟ ପରିସରରେ ଅଧ୍ୟକ୍ଷା ସୁକାନ୍ତି ପାଇକରାୟ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ଏନ୍‌ଏସି କର୍ତ୍ତୃପକ୍ଷଙ୍କ ତରଫରୁ ବାଲୁଗାଁ ଡାକ୍ତରଖାନା ଓ ଜରାନିବାସରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା। କାର୍ଯ୍ୟ ନିର୍ବାହୀ ଅଧିକାରିଣୀ ସ୍ୱପ୍ନାରାଣୀ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ କନିଷ୍ଠ ଯନ୍ତ୍ରୀ ଦେବକାନ୍ତ ନାୟକ, ଅଧ୍ୟକ୍ଷା ସୁକାନ୍ତି ପାଇକରାୟ, ଉପାଧ୍ୟକ୍ଷ ଭଗବାନ ପ୍ରଧାନଙ୍କ ସମେତ ସମସ୍ତ କାଉନ୍‌ସିଲର ଏବଂ ଏମ୍‌ପିଙ୍କ ପ୍ରତିନିଧି ଅକ୍ଷୟ ରଣସିଂହ, ପ୍ରକାଶ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବାଲୁଗାଁ ଅଞ୍ଚଳରେ ସ୍ମାର୍ଟ ପାର୍କ ନିର୍ମାଣ, ପାଠାଗାର, ଷ୍ଟାଡିୟମ, ଶୁଦ୍ଧ ପାନୀୟ ଜଳ ଯୋଗାଣ, ୧୧ଟି ୱାର୍ଡରେ ମହିଳା ଗ୍ରୁପ୍ ଗୃହ ନିର୍ମାଣ, ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ, ଓପନ ଜିମ୍, ସେଲ୍‌ଫି ପଏଣ୍ଟ, ସରକାରୀ ହସ୍ପିଟାଲର ଭିତ୍ତିଭୂମି ସୁଧାରିବା ସହ ୨୪ଘଣ୍ଟିଆ ରୋଗୀସେବା ଯୋଗାଇବା, ଏସ୍‌ଏଚ୍‌ଜି ଏବଂ ମିଶନ ଶକ୍ତି ଗ୍ରୁପ୍‌କୁ କାର୍ଯ୍ୟ ଯୋଗାଇବା, ପର୍ଯ୍ୟଟନ କ୍ଷେତ୍ରରେ ଚିଲିକାର ଉନ୍ନତି ଆଦି କାର୍ଯ୍ୟ ଖୁବ୍‌ଶୀଘ୍ର କରାଯିବ ବୋଲି କାର୍ଯ୍ୟ ନିର୍ବାହୀ ଅଧିକାରିଣୀ ପାଢ଼ୀ ତାଙ୍କ ଉଦ୍‌ବୋଧନରେ ପ୍ରକାଶ କରିଛନ୍ତି । ଏଥି ସହିତ ସ୍କୁଲ ଛାତ୍ରୀଛାତ୍ରଙ୍କୁ ନେଇ ପ୍ରବନ୍ଧ, ବକ୍ତୃତା, ସାଧାରଣ ଜ୍ଞାନ ଓ ନୃତ୍ୟ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଜଟଣୀ ପୌର ପରିଷଦକୁ ପୂରିଲା ୫୦ ବର୍ଷ

**ଜଟଣୀ,୩୧।୮(ଡି.ଏନ୍.ଏ.)**

ଜଟଣୀ ପୌର ପରିଷଦ ପକ୍ଷରୁ ୫୦ ବର୍ଷ ପୂର୍ତ୍ତି ଉତ୍ସବ ଏବଂ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ବୁଧବାର ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ମୁଖ୍ୟ ଅତିଥି ରୂପେ ଖୋର୍ଦ୍ଧା ଜିଲାପାଳ ଭି. ସୁଦର୍ଶନ ଚକ୍ରବର୍ତ୍ତୀ ଯୋଗଦେଇ ପୌର ପରିଷଦର ବିଭିନ୍ନ କାର୍ଯ୍ୟ ବିଷୟରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ଦିଗନ୍ତ ରାଉତରାୟ, ଡେପୁଟି କମିଶନର ଅଫ୍ ପୋଲିସ (ଭୁବନେଶ୍ୱର) ପ୍ରତୀକ ସିଂ ଯୋଗଦେଇ ପୌର ପରିଷଦର କାର୍ଯ୍ୟଶୈଳୀ ଏବଂ ଅଧିକାରୀ ଓ ସମସ୍ତ କର୍ମଚାରୀଙ୍କ କର୍ତ୍ତବ୍ୟନିଷ୍ଠାର ପ୍ରଶଂସା କରିବା ସହିତ ଗଣେଶ ପୂଜା ପାଇଁ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ ମହାନ୍ତି ପୌର ପରିଷଦର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ଉପରେ ବିବରଣୀ ପ୍ରଦାନ କରି ସମସ୍ତ କର୍ମଚାରୀ, ଜଟଣୀର ସମସ୍ତ ନାଗରିକ ଏବଂ ପରିଷଦଗଣଙ୍କ ସାହାଯ୍ୟ ଓ ସହଯୋଗରେ ଦୁଇଲକ୍ଷ ଟଙ୍କାରୁ ଆରମ୍ଭ ହୋଇ ବର୍ତ୍ତମାନ ୫୬ କୋଟିର ବଜେଟରେ ସହରର ବିକାଶ ଯାତ୍ରା ଜାରି ରହିଥିବା କହିଥିଲେ। ପୌରାଧ୍ୟକ୍ଷ ଅନନ୍ତ ବେହେରା ଜଟଣୀକୁ ଏକ ଆଦର୍ଶ ସହରରେ ପରିଣତ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ।



ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

### ସ୍ମରଣୀୟ ଲାଗି କ୍ରିକେଟ୍ ମ୍ୟାଚ୍, ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତା

ପୌର ପରିଷଦର ୫୦ ବର୍ଷ ପୂର୍ତ୍ତିକୁ ସ୍ମରଣୀୟ କରିବା ଉଦ୍ଦେଶ୍ୟରେ ପରିଷଦ-୧୧ ଏବଂ ଗଣମାଧ୍ୟମ-୧୧ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ସହ ବିଦ୍ୟାଳୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏ ସବୁ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍‌ର ବିଜୟୀ ଗଣମାଧ୍ୟମ ଏକାଦଶ ଦଳକୁ ମୁଖ୍ୟ ଅତିଥି ଜିଲାପାଳ ଟ୍ରଫି ପ୍ରଦାନ କରି ସମ୍ମାନିତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ପରିଷଦର ସମସ୍ତ କର୍ମଚାରୀ ସଫଳ କରିବାରେ ସହଯୋଗ କରିଥିଲେ। ଅନ୍ୟପଟେ ଜଟଣୀ ପୌର ପରିଷଦର ପ୍ରଥମ ମହିଳା ପୌରାଧ୍ୟକ୍ଷା କିରଣବାଳା ସିଂଙ୍କୁ ପରିଷଦ ପକ୍ଷରୁ ନିମନ୍ତ୍ରଣ କରାଯାଇ ନ ଥିବାରୁ ଏ ନେଇ କେତେଜଣ ଅସନ୍ତୋଷ ପ୍ରକାଶ କରିଛନ୍ତି।

## ମାଗଣା ଶିଶୁ ଖାଦ୍ୟ ବଣ୍ଟନ ନେଇ ପ୍ରସ୍ତୁତି ବୈଠକ

**ବୋଲଗଡ଼,୩୧।୮(ଡି.ଏନ୍.ଏ.)**

ବୋଲଗଡ଼ ବ୍ଲକ ରାଜସୁନାଖଳା ନିକଟ ବିନୋଦ ପଡ଼ାସ୍ଥିତ ସାଇ ଟ୍ରଷ୍ଟ, ଓଡ଼ିଶାର ମୁଖ୍ୟ କାର୍ଯ୍ୟାଳୟରେ ଗଣେଶ ପୂଜା ଅବସରରେ ଟ୍ରଷ୍ଟର ବେବି ଫୁଡ୍ ପ୍ରୋଜେକ୍ଟର ଶୁଭାରମ୍ଭ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟରୁ ଶିଶୁ ଅପପୁଷ୍ଟି ନିରାକରଣ ଉପଲକ୍ଷେ ଏହି ପ୍ରୋଜେକ୍ଟ ଅନ୍ତର୍ଭୁକ୍ତ ଜନ୍ମରୁ ୩ ବର୍ଷ ପର୍ଯ୍ୟନ୍ତ ଶିଶୁଙ୍କୁ ଚିହ୍ନଟ କରିବା ପାଇଁ ପୂର୍ବରୁ ପଞ୍ଚାୟତସ୍ତରୀୟ ବିଭିନ୍ନ ଜିଲାରେ ସର୍ଭେ କାର୍ଯ୍ୟ କରାଯାଇଥିଲା। ଦିଲ୍ଲୀସ୍ଥିତ ଇଫା(IFFA) ନାମକ ଏକ ସଂସ୍ଥାରୁ ସହାୟତା ଆସିବାରେ ବିଳମ୍ବ ହେବାରୁ ଧାର୍ଯ୍ୟ ସମୟ ମଧ୍ୟରେ ବେବି ଫୁଡ୍ ପ୍ରୋଜେକ୍ଟର ଅଗ୍ରଗତି ହୋଇପାରି ନ ଥିଲା ଏବଂ ଏହାକୁ ନେଇ ଦୁର୍ନୀତି ହୋଇଛି ବୋଲି ବିଭିନ୍ନ ମହଲରେ କଳ୍ପନା ଜଳ୍ପନା ପ୍ରକାଶ ପାଇଥିଲା। ଏଥିନେଇ ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ ଦୀପକ ବରାଡ଼ କହିଛନ୍ତି, ଶୁଭାରମ୍ଭର ୭ ଦିନ ମଧ୍ୟରେ ପ୍ରଥମେ ରାଜସୁନାଖଳା ପରେ ବୋଲଗଡ଼ରେ ମାଗଣାରେ ବଣ୍ଟାଯିବ।

## ଜଙ୍କିଆ ପଲ୍ଲୀ ମହୋତ୍ସବ ଉଦ୍‌ଘାଟିତ

**ନିରାକାରପୁର,୩୧।୮(ଡି.ଏନ୍.ଏ.)**

ନିରାକାରପୁର ଅଞ୍ଚଳର ଓମ୍ ଶ୍ରୀ ଯୁବ ପରିଷଦ ପକ୍ଷରୁ ଜଙ୍କିଆ - ବାଲିଗାଡ଼ିଆସ୍ଥିତ ବାସନ୍ତୀ ପଡିଆଠାରେ ଜଙ୍କିଆ ପଲ୍ଲୀ ମହୋତ୍ସବ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଏମ୍‌ପି ଡ.ପ୍ରସନ୍ନ ପାଟଶାଣୀ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରି ଏହି ମହୋତ୍ସବ ଦ୍ୱାରା ଗ୍ରାମରେ ଥିବା ପ୍ରତିଭାବାନ ବ୍ୟକ୍ତି ନିଜ ପ୍ରତିଭା ପ୍ରଦର୍ଶନ କରିବାର ସୁଯୋଗ ପାଇପାରିବେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଅନିଲ ଗୁମାନସିଂ, ସରପଞ୍ଚ ପଙ୍କଜିନୀ ବଳବନ୍ତରାୟ, ସମିତିସଭ୍ୟ ଈଶ୍ୱରଚନ୍ଦ୍ର ମାର୍ଥା, ସୁରେନ୍ଦ୍ର ନାଥ ଜେନା, ଡ. ବିଜୟ କୁମାର ଉଦୟସିଂହ ପ୍ରମୁଖ ଯୋଗଦେଇଥିଲେ। ଓମ୍ ଶ୍ରୀ ଗଣେଶ ପୂଜା କମିଟିର ସଭାପତି କୃଷ୍ଣଚନ୍ଦ୍ର ନରେନ୍ଦ୍ର ସଭାପତିତ୍ୱ କରିଥିଲେ। ପରେ କୁହୁଡିର ପାଇକ ଆଖଡ଼ା, ଜଟଣୀର ନୃତ୍ୟଶ୍ରୀ ସାଂସ୍କୃତିକ ଏକାଡେମୀର ଓଡିଶୀ ଓ ଆଞ୍ଚଳିକ ନୃତ୍ୟ ପରିବେଷଣ କରାଯାଇଥିଲା। ଓଡ଼ିଶୀ ନୃତ୍ୟ ପରିବେଷଣ ଦେଖି ଦର୍ଶକ ବିଭୋର ହୋଇପଡ଼ିଥିଲେ। କମଲେଶ ମହାରଣା ଓ ଅଶ୍ୱିନୀ ମହାନ୍ତି କାର୍ଯ୍ୟକ୍ରମକୁ ସଂଯୋଜନା ଓ ବିଶ୍ୱଭୂଷଣ ଛୋଟରାୟ କାର୍ଯ୍ୟକ୍ରମକୁ ପରିଚାଳନା ସହ ଧନ୍ୟବାଦ ଦେଇଥିଲେ।

# ମଣ୍ଡପରେ ବିଘ୍ନନାଶନଙ୍କୁ ପୂଜାର୍ଚ୍ଚନା



ଖୋର୍ଦ୍ଧା ବାସେଳିସାହି ପୂଜା କମିଟି ପକ୍ଷରୁ ହୋଇଥିବା ଗଣେଶ ମୂର୍ତ୍ତି।



ଗୁରୁଜଙ୍ଗ ଅଞ୍ଚଳରେ ପୂଜା ପାଉଥିବା ଗଣେଶ ମୂର୍ତ୍ତି।





ଜଟଣୀ ଅଞ୍ଚଳରେ ଦୁଇଟି ପୂଜା କମିଟି ପକ୍ଷରୁ ଗଣେଶ ପୂଜା କରାଯାଉଛି।

**ଖୋର୍ଦ୍ଧା ଅଫିସ/ଜଟଣୀ,୩୧।୮(ଡି.ଏନ୍.ଏ.)**

ଖୋର୍ଦ୍ଧା ସହରର ବିଭିନ୍ନ ମଣ୍ଡପରେ ବିଘ୍ନବିନାଶକଙ୍କ ପୂଜା ଚାଲିଛି। ରଙ୍ଗିନ ଆଲୋକମାଳା ସହ ଆକର୍ଷଣୀୟ ସାଜସଜ୍ଜାରେ ମଣ୍ଡପ ଝଲସୁଛି। ଭାଲିଆବାଡ଼ି ୟୁଥ କ୍ଲବ ପକ୍ଷରୁ ସୁଉଚ୍ଚ ସିଂହାସନ ଉପରେ ଠାକୁର ପୂଜା ପାଉଛନ୍ତି ବୋଲି କମିଟିର ପ୍ରଫୁଲ୍ଲ ପ୍ରଧାନ ଓ ବୁଲୁ ପ୍ରଧାନ କହିଛନ୍ତି। ପଲ୍ଲାଛକସ୍ଥିତ ମା' ବରୁଣେଇ କ୍ଲବ ପକ୍ଷରୁ ୧୦ଫୁଟର ଶ୍ରୀଗଣେଶ ପୂଜା ପାଉଛନ୍ତି। ବିଡିଏ କଲୋନୀରେ ବାଲ୍ ଗଣେଶ, ଶ୍ରୀରାମନଗର ଯୁବକ ସଂଘ, ମୁକୁନ୍ଦପ୍ରସାଦ ବଉଳ ସାହିସ୍ଥିତ ମା' ଗ୍ରାମଦେବତୀ ପୂଜା କମିଟି ପକ୍ଷରୁ ମୟୂର ଉପରେ ୪ଫୁଟର ମୂର୍ତ୍ତି ପୂଜା ପାଉଛନ୍ତି। ଗୁରୁଜଙ୍ଗ ଦେୱାନସାହି ଆଖଡ଼ାଘର ପକ୍ଷରୁ ଚଳିତବର୍ଷ ୧୦ଫୁଟ ଉଚ୍ଚର ମୂର୍ତ୍ତି କରାଯାଇଛି। ନବୀନାବାଗସ୍ଥିତ ବନ୍ଧୁ ଜଗବନ୍ଧୁ କ୍ଲବ ଦୀର୍ଘ ୩୦ବର୍ଷ ଧରି ପୂଜା ଆୟୋଜନ କରିଆସୁଛି। ଚଳିତବର୍ଷ ୨୦ଫୁଟ ଉଚ୍ଚର ନଟରାଜ ବେଶରେ ଦର୍ଶନ ଦେଉଛନ୍ତି ପ୍ରଭୁ ଶ୍ରୀଗଣେଶ। ଏଠାରେ ସେପ୍ଟେମ୍ବର ୨ରୁ ୪ତାରିଖ ପର୍ଯ୍ୟନ୍ତ ୩ଦିନ ବ୍ୟାପୀ ଗଣପତି ମହୋତ୍ସବ ଆୟୋଜନ ହେବ। ଏଥିରେ ଗୋଟିପୁଅ, ଓଡ଼ିଶୀ, ସମ୍ବଲପୁରୀ, ଭାଙ୍ଗଡ଼ା, ବିହୁ ଏବଂ ଅନ୍ୟ ଲୋକନୃତ୍ୟ ପରିବେଷଣ କରାଯିବ ବୋଲି କାର୍ଯ୍ୟକ୍ରମ ସଂଯୋଜକ ପ୍ରିୟବ୍ରତ ବାରିକ ସୂଚନା ଦେଇଛନ୍ତି। ସେହିପରି ନବୀନାବାଗସ୍ଥିତ ଲକ୍ଷ୍ମୀନୃସିଂହ ମନ୍ଦିର ନିକଟରେ ଲକ୍ଷ୍ମୀନୃସିଂହ ପୂଜା କମିଟି ପକ୍ଷରୁ କଲେଜ ଛାତ୍ରମାନେ ୪ବର୍ଷ ଧରି ପୂଜା ଆୟୋଜନ ହୋଇଆସୁଛି। ଏଠାରେ ୪ଦିନ ବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ହେବ। ଗୋଡ଼ିପୋଖରୀ ସାହିରେ ଯୁବକମାନେ ୮ବର୍ଷ ଧରି ପୂଜା ପାଳନ କରିଆସୁଛନ୍ତି। ଏଠାରେ ଚଳିତବର୍ଷ ୪ଦିନ ବ୍ୟାପୀ ପୂଜା ଆୟୋଜନ ସହ ୧୦ ଫୁଟର ମୂର୍ତ୍ତି ପୂଜା ପାଉଛନ୍ତି।

ବାସେଳିସାହି ପୂଜା କମିଟି ପକ୍ଷରୁ ୧୫ଫୁଟର ଡ୍ରାଗନ ଷ୍ଟାଇଲରେ ଶ୍ରୀଗଣେଶ ପୂଜା ପାଉଛନ୍ତି। ସପ୍ତଦିନ ବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ସହ ଚୁଡ଼ାଘଷା ଭୋଗ, ଅନ୍ନପ୍ରସାଦ ବ୍ୟବସ୍ଥା ରହିଥିବା କମିଟି ସଦସ୍ୟ ଉତ୍ପଳ ବେହେରା କହିଛନ୍ତି। ଉପରସାହି ଗଣେଶ ପୂଜା କମିଟି ପକ୍ଷରୁ ସପ୍ତଫେଣୀର ସିଂହାସନ ଉପରେ ଶ୍ରୀଗଣେଶଙ୍କ ୧୨ ଫୁଟର ମୂର୍ତ୍ତିପୂଜା ପାଉଛି। ୧୦ ଦିନ ଧରି ପୂଜା ଚାଲିବ ବୋଲି କମିଟି ସଦସ୍ୟ ରବିନାରାୟଣ ପରିଡ଼ା କହିଛନ୍ତି।

ଗୋଠେଶ୍ୱରୀ ପୂଜା କମିଟି ପକ୍ଷରୁ ସର୍ପ ଉପରେ ୪ଫୁଟର ଗଣେଶ ମୂର୍ତ୍ତି ପୂଜା ପାଉଛନ୍ତି। ପିଲା ଓ ଯୁବକଙ୍କ ପକ୍ଷରୁ ଏହି ପୂଜା ଆୟୋଜିତ ହୋଇ ଆସୁଥିବା ଆର୍ଶୀବାଦ ବେହେରା କହିଛନ୍ତି। ମହିଳା ମହାବିଦ୍ୟାଳୟ ରୋଡ଼ସ୍ଥିତ ମହାବୀର ୟୁଥ୍ କ୍ଲବ ପକ୍ଷରୁ ସିଂହ ଉପରେ ୬ଫୁଟର ଗଣେଶ ମୂର୍ତ୍ତି ପୂଜା ପାଉଛି। ୧୦ଦିନିଆ ପୂଜାରେ ଠିଆପାଲା, ମେଳା, ଅନ୍ନପ୍ରସାଦ ପ୍ରଭୃତି ଆୟୋଜନ କରାଯାଇଥିବା କମିଟି ସଦସ୍ୟ ରଘୁନାଥ ପଣ୍ଡା କହିଛନ୍ତି।

ଗୁରୁଜଙ୍ଗ ହାଉସିଂବୋର୍ଡ କଲୋନୀରେ ଜୟୀ ରାଜଗୁରୁ ୟୁଥ କ୍ଲବ ପକ୍ଷରୁ ୧୨ଫୁଟର ମୂର୍ତ୍ତି କରାଯାଇଛି। ଠାକୁରଙ୍କୁ ଖେଚୁଡ଼ି, ଅନ୍ନ ଓ ମିଠା ଭୋଗ ଅର୍ପଣ କରାଯାଇଥାଏ ବୋଲି ଅବ୍ୟକ୍ତ ହରିହର ଖାଡ଼ଙ୍ଗା କହିଛନ୍ତି। ସେହିପରି ଗୁରୁଜଙ୍ଗ ମଝିସାହିରେ ତନ୍ତପୂଜା କମିଟି ଆନୁକୂଲ୍ୟରେ ୧୨ଫୁଟର ମୂର୍ତ୍ତି ପୂଜା ପାଉଛନ୍ତି। ସପ୍ତଦିନ ବ୍ୟାପୀ ବିଭିନ୍ନ ପ୍ରକାର ଫଳ, ଚୁଡ଼ାଘଷା ଭୋଗ ହେବ ବୋଲି ଚନ୍ଦ୍ରଶେଖର ସାହୁ ସୂଚନା ଦେଇଛନ୍ତି।

ଗଣେଶ ଚତୁର୍ଥୀରୁ ଆରମ୍ଭ ହୋଇଯାଇଛି ପ୍ରସିଦ୍ଧ ଜଟଣୀ ଗଣେଶ ପୂଜା। ୧୧ ଦିନ ବ୍ୟାପୀ ରୀତିନୀତିରେ ଗଜାନନଙ୍କ ସମେତ ମାତା ଲକ୍ଷ୍ମୀ ଏବଂ ଦେବୀ ସରସ୍ୱତୀ ତ୍ରିମୂର୍ତ୍ତି ବିଭିନ୍ନ ମଣ୍ଡପରେ ଭକ୍ତଙ୍କ ମେଳରେ ରହିବେ। ଚଳିତ ବର୍ଷ ଜଟଣୀ ସହର ଏବଂ ଏହାର ଆଖପାଖ ଅଞ୍ଚଳର ବିଭିନ୍ନ ସ୍ଥାନ ଏବଂ ମଣ୍ଡପରେ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ମଣ୍ଡପରେ ଗଣେଶ ପୂଜା ଅନୁଷ୍ଠିତ ହୋଇଥିବା ଦେଖିବାକୁ ମିଳିଛି। ସଜଟଣୀ ସହରର ୧୬ଟି ବଡ଼ ବଡ଼ ବ୍ୟବସାୟୀ ସଂଘ ପକ୍ଷରୁ ସାଜସଜ୍ଜା ଏବଂ ପୂଜା ବେଶ୍ ଆକର୍ଷଣୀୟ କରାଯାଇଛି। ରଙ୍ଗବେରଙ୍ଗର ସୁଉଚ୍ଚ ଡିଜିଟାଲ ଲାଇଟ୍, ନଭଶ୍ଚୁମ୍ବୀ ତୋରଣ ଦର୍ଶକଙ୍କୁ ଆକୃଷ୍ଟ କରୁଛି। ପୋଲିସ ପ୍ରଶାସନ ପକ୍ଷରୁ ୯ ପ୍ଲାଟୁନ ପୋଲିସ ଫୋର୍ସ ସହିତ ୩୦ ଅଧିକାରୀ ଏବଂ ହୋମ୍‌ଗାର୍ଡଙ୍କୁ ନିୟୋଜନ କରାଯାଇଛି। ଅଗ୍ନିଶମ ବିଭାଗ ପକ୍ଷରୁ ପୂଜାମଣ୍ଡପ ନିକଟରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ସହିତ କର୍ମଚାରୀ ନିୟୋଜିତ ରହିଛନ୍ତି।



## ବିଭିନ୍ନ ମଣ୍ଡପରେ ଝଲସୁଛନ୍ତି ଗଜାନନ

**ନିରାକାରପୁର,୩୧।୮(ଡି.ଏନ୍.ଏ.)**

କରୋନା ସଂକ୍ରମଣ କଟକଣା ଯୋଗୁ ଦୀର୍ଘ ଦୁଇ ବର୍ଷ ଧରି ଶ୍ରୀଗଣେଶ ପୂଜା ବନ୍ଦ ଥିଲା। ହେଲେ ଚଳିତବର୍ଷ କଟକଣା କୋହଳ ହେବା ପରେ ପୂର୍ବଭଳି ବିଭିନ୍ନ ଶିକ୍ଷାନୁଷ୍ଠାନ ସମେତ ପ୍ରତ୍ୟେକ ଗଳିକନ୍ଦିରେ ଶ୍ରୀ ଗଣପତିଙ୍କର ପୂଜାର୍ଚ୍ଚନା ବୁଧବାର ବେଶ୍ ଧୁମ୍‌ଧାମରେ ପାଳିତ ହୋଇଯାଇଛି। ଏଥିସହ ଏଥର ଅନୁଷ୍ଠାନ, ସଂଗଠନ ପକ୍ଷରୁ ମଣ୍ଡପଗୁଡ଼ିକରେ କାରିଗରମାନେ ନୂତନ ଜ୍ଞାନକୌଶଳରେ ଭିନ୍ନ ଭିନ୍ନ ଦେବଦେବୀଙ୍କ ଆକର୍ଷଣୀୟ ରୂପ ଦେଇ ଗଜାନନଙ୍କ ପ୍ରତିମୂର୍ତ୍ତି ନିର୍ମାଣ କରିଥିବା ଦେଖିବାକୁ ମିଳିଛି। ସେହିଭଳି ତୋରଣଗୁଡ଼ିକ ମଧ୍ୟ ବିଭିନ୍ନ ଆଲୋକରେ ସଜ୍ଜା ଯାଇଥିବାରୁ ଲୋକଙ୍କୁ ବେଶ୍ ଆକର୍ଷିତ କରୁଛି। ଏହି ଅବସରରେ ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତ ଆର୍ଯ୍ୟବିହାରରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଡିଏଭି ପବ୍ଲିକ ସ୍କୁଲ, କ୍ଷେତ୍ରବାସୀ ସରକାରୀ ହାଇସ୍କୁଲ, କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟ ଓ ବଡ଼ପୋଖରିଆ ପଞ୍ଚାୟତରେ ଥିବା ଓଡ଼ିଶା ଷ୍ଟେଟ୍ ବ୍ରିଗେଡିୟର ସ୍କୁଲ ସମେତ ଏହାର ଆଖପାଖ ଅଞ୍ଚଳରେ ଥିବା ଶିକ୍ଷାନୁଷ୍ଠାନରେ ପୂଜା କରାଯାଇଛି।

**ବାଲୁଗାଁ(ଡି.ଏନ୍.ଏ.):** ବାଲୁଗାଁ ଅଞ୍ଚଳର ଗୋପବନ୍ଧୁ ନଗର, ଉତ୍ତମ ନଗର, ଚିଲିକା ରୋଡ୍, ଷ୍ଟେଶନ ବଜାର, ବସ୍‌ଷ୍ଟାଣ୍ଡ, ବିଦ୍ୟାଧରପୁର ସାହି, ସରଳାପଦର, ଆମ୍ବପଡ଼ା, କୁମ୍ଭୀରପଡ଼ା ଗ୍ରାମରେ ଗଣେଶ ପୂଜା ପାଉଛନ୍ତି। ଏଥିସହ ବିଭିନ୍ନ ଶିକ୍ଷାନୁଷ୍ଠାନ ଯଥା ବାଲୁଗାଁ ଉଚ୍ଚ ବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଡିଏଭି ଗୁରୁକୁଳ, ଭେଙ୍କଟେଶ୍ୱର ଇଂଲିଶ୍ ମିଡିୟମ ବିଦ୍ୟାଳୟ ଆଦି ସ୍ଥାନରେ ଗଣେଶଙ୍କ ପୂଜା ପାଳିତ ହୋଇଯାଇଛି।

**କୃଷ୍ଣପ୍ରସାଦ (ଡି.ଏନ୍.ଏ.):** କୃଷ୍ଣପ୍ରସାଦ ବ୍ଲକର ମାଲୁଦ ଦଧିବାମନ ସାହି, ଚିଲିକା ନୂଆସାହି, ବାଲିସାହି, ଜଗତିସାହି, ଆଜାଦ ହିନ୍ଦ୍ କ୍ଲବ, ଜୟଦୁର୍ଗା କ୍ଲବ, ମାଲୁଦ ରାଜାବଜାର ବ୍ୟବସାୟୀ ସଂଘ ତରଫରୁ ସୁନ୍ଦର ତୋରଣ କରାଯାଇଛି। ପାରିକୁଦ ଲକ୍ଷ୍ମଣ ଚନ୍ଦ୍ର ନୋଡାଲ ବିଦ୍ୟାପୀଠ, ଉଠାଣିକୁଦ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ, ବଟେଶ୍ୱର ଉଚ୍ଚ ବିଦ୍ୟାପୀଠ, ମର୍ଦ୍ଦରାଜପୁର ପ୍ରାଥମିକ ବିଦ୍ୟାଳୟ, ଟୁବୁକା ଯୁବକ ସଂଘ ଆଦି ଅନେକ ସ୍ଥାନରେ ପୂଜା ହୋଇଛି। ମର୍ଦ୍ଦରାଜପୁର ଗ୍ରାମ୍ୟ କମିଟି ତରଫରୁ ସୁସଜ୍ଜିତ ପୂଜାମଣ୍ଡପ ଓ ତୋରଣ ଶ୍ରଦ୍ଧାଳୁଙ୍କୁ ବେଶ୍ ଆକୃଷ୍ଟ କରୁଛି।

**ଟାଙ୍ଗୀ (ଖୋର୍ଦ୍ଧା)/ ବୋଲଗଡ଼ (ଡି.ଏନ୍.ଏ.):** ଟାଙ୍ଗୀ ବ୍ଲକର ୪୦ ମଣ୍ଡପରେ ଅଗ୍ରପୂଜ୍ୟ ଶ୍ରୀ ଗଣେଶଙ୍କ ପୂଜା ବେଶ୍ ଧୁମ୍‌ଧାମ୍‌ରେ ପାଳିତ ହୋଇଛି। ବ୍ଲକ ଛକ ଠାରୁ ମଧୁମଙ୍ଗଳ ପଡିଆ ପର୍ଯ୍ୟନ୍ତ ବିଭିନ୍ନ କ୍ଲବ, ବଳରାମ ଦେବ ବିଦ୍ୟାପୀଠର ବିଭିନ୍ନ ମାଟ୍ରିକ ବ୍ୟାଚର ସାଥୀମାନଙ୍କ ଦ୍ୱାରା ଗଣେଶ ପୂଜା ପାଳିତ ହୋଇଆସୁଛି। ଆସନ୍ତା ୪ ତାରିଖ ଦିନ ଭସାଣି ହେବ। ବୋଲଗଡ଼ ଗ୍ରାମର ୭ଟି ବଣିକ ସଂଘ ପକ୍ଷରୁ ଆୟୋଜିତ ପୂଜା ମଣ୍ଡପ ସମେତ ବିଭିନ୍ନ ସାହି ଓ ଅନୁଷ୍ଠାନରେ ଶ୍ରୀ ଗଜାନନଙ୍କୁ ପୂଜା କରାଯାଇଛି।

**କୁକୁଡ଼ା ଫାର୍ମରୁ ଚୋରି, ୨ ଗିରଫ**

କଟକ ସଦର,(ଡି.ଏନ୍.ଏ.): ୪୨ ମୌଜା ଥାନା ଅନ୍ତର୍ଗତ ବରାଳ ଗ୍ରାମର ଏକ କୁକୁଡ଼ା ଫାର୍ମରୁ ଚୋରି କରିବା ଅଭିଯୋଗରେ ପୋଲିସ ୨ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅଞ୍ଚଳର ମଙ୍ଗୁଳି ଭୋଇ ଓ ତ୍ରିନାଥ ସାହୁ। ସେମାନଙ୍କଠାରୁ ଚୋରି ସାମଗ୍ରୀ ଉଦ୍ଧାର କରାଯାଇଛି। ପୋଲିସ ସୂତ୍ରରୁ ପ୍ରକାଶ, ଗତ ୨୯ ତାରିଖ ରାତିରେ ଅଭିଯୁକ୍ତମାନେ ସ୍ଥାନୀୟ ବିଜୟ କୁମାର ଶତ୍ପଥୀଙ୍କ ଫାର୍ମର ତାର ଜାଲି କାଟି ୮ ବସ୍ତା କୁକୁଡ଼ା ଦାନା, ଗୋଟିଏ ଫ୍ୟାନ୍ ଓ ସ୍ପ୍ରେ ମେଶିନ ଚୋରି କରି ନେଇଥିଲେ। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ.୧୮୩/୨୨) ରୁଜୁ କରିଥିଲା।

## ସଂକ୍ଷେପରେ

### ସ୍ୱାୟତ୍ତ ଶାସନ ଦିବସ ପାଳିତ

କଟକ ଅଫିସ,୩୧।୮: କଟକ ମହାନଗର ନିଗମ(ସିଏମ୍ସି)ର ୨୬ନଂ. ୱାର୍ଡରେ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ କର୍ପୋରେଟର ଗଗନ ଓଝାଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଚୌଧୁରୀ ବଜାର, କାଠଗଡା ସାହି, ଝୋଲାସାହି, ନିମସାହିର ମୁରବୀ ପୂର୍ଣ୍ଣଚନ୍ଦ୍ର ସିଂହ, ଲକ୍ଷ୍ମୀଧର ପ୍ରଧାନ, ଜୟଦେବ ଛାଟୋଇ, ସଦାଶିବ ଓଝା, ପ୍ରଦୀପ ମହାରଣା, ଲକ୍ଷ୍ମୀଧର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ସିଏମ୍ସିର ୪୧ ନଂ. ୱାର୍ଡ କାର୍ଯ୍ୟାଳୟ ପରିସରରେ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଥିଲା। ଏଥିରେ ସ୍ଥାନୀୟ କର୍ପୋରେଟର ସ୍ୱର୍ଣ୍ଣପ୍ରଭା ପଶାୟତ ଜାତୀୟ ପତାକା ଉତ୍ତୋଳନ କରି ୱାର୍ଡର ସ୍ୱଚ୍ଛତା ଅଭିଯାନ ସମ୍ପର୍କରେ କହିଥିଲେ। ଏଥିରେ ଆଇନଜୀବୀ ତଥା ଯୁବନେତା ଶୁଭେନ୍ଦୁ ମହାନ୍ତି, ଯୋବ୍ରା ମ୍ୟୁନିସିପାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରବୀନ୍ଦ୍ର ପ୍ରଧାନ, ମନୋରଞ୍ଜନ ଜେନା, ଅର୍ବାନ କୋଅପରେଟିଭ ବ୍ୟାଙ୍କର ଅଧକ୍ଷ ସୁରେନ୍ଦ୍ର ଦାସ, ନିକୁଞ୍ଜ ପଶାୟତ, ଶାରଦା ପ୍ରସନ୍ନ ମହାନ୍ତି, ବୈଷ୍ଣବ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଅଞ୍ଚଳର ବିକାଶ ଉପରେ ଗୁରୁତ୍ୱାରୋପ

ବାଙ୍କୀ,୩୧।୮(ସ୍ୱ.ପ୍ର.): ବାଙ୍କୀ ବିଜ୍ଞାପିତ କ୍ଷେତ୍ର ପରିଷଦ ପକ୍ଷରୁ ୫୬ତମ ସ୍ୱାୟତ୍ତ ଶାସନ ଦିବସ ବୁଧବାର ପାଳିତ ହୋଇଯାଇଛି। ପୂର୍ବାହ୍ନରେ ନଗରପାଳ ମାଣିକ ସାହୁ କାର୍ଯ୍ୟାଳୟଠାରେ ପତାକା ଉତ୍ତୋଳନ କରିଥିଲେ। ଏହାପରେ ନଗରପାଳ ସାହୁ ଓ ଉପନଗରପାଳ ସନ୍ତୋଷ ରଣାଙ୍କ ତତ୍ୱାବଧାନରେ ପୌରାଞ୍ଚଳରେ ସ୍ଥାପିତ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଓ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ମୁଖରେ ନୂତନ ଦୋକାନ ଗୃହ (ଭେଣ୍ଡିଂଜୋନ୍) ଓ ରଣପୁରଠାରେ ମାଇକ୍ରୋ କମ୍ପୋଷ୍ଟ ସେଣ୍ଟର (ସମ୍ପଦ କେନ୍ଦ୍ର-୨)କୁ ଉଦ୍ଘାଟନ କରିଥିଲେ। ସେହିପରି ଚର୍ଚ୍ଚିକା ସେବାସମବା ସମିତି ନୂତନ ଗୃହର ଭୂମି ପୂଜନ କରାଯାଇଥିଲା। ଏହି ଅବସରରେ ମହାରଣା କଲ୍ୟାଣ ମଣ୍ଡପଠାରେ ନଗରପାଳ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ, କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟରଞ୍ଜନ ପଣ୍ଡା, ଉପଜିଲାପାଳ ରଞ୍ଜନ କୁମାର ଜେନା ପ୍ରମୁଖ ଅତିଥିଭାବେ ଯୋଗ ଦେଇ ବିଜ୍ଞାପିତ ଅଞ୍ଚଳର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ବାଙ୍କୀ ଏନ୍ଏସିର ୧୦ନମ୍ବର ୱାର୍ଡ କାଉନସିଲର ରାଜେନ୍ଦ୍ର ମହାପାତ୍ରଙ୍କୁ ଶ୍ରେଷ୍ଠ କାଉନ୍ସିଲର ଭାବେ ସମ୍ମାନିତ କରାଯାଇଥିଲା। ଶେଷରେ କାଉନ୍ସିଲର ସନାତନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ‘ମୁଖ୍ୟମନ୍ତ୍ରୀ କଟକକୁ ଗୁରୁତ୍ୱ ଦେଇଛନ୍ତି’

## ସିଏମ୍ସି ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ସମାରୋହ

କଟକ ଅଫିସ,୩୧।୮

ଭାରତୀୟ ଗଣତନ୍ତ୍ର ସୁଦୃଢ଼। ସବୁବେଳେ ଗଣତନ୍ତ୍ରକୁ ଆଗେଇ ନେବା ଦିଗରେ ଚେଷ୍ଟା କରିଛି। ସରକାର ଗଠନରେ ଜନସାଧାରଣଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଯିଏ ଦୁଃଖ ସୁଖରେ ଛିଡା ହେବ ସେଭଳି ପ୍ରତିନିଧିଙ୍କୁ ଭୋଟ ଦେଇ ବାଛିବା ଆବଶ୍ୟକ ବୋଲି ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ଅନନ୍ତ ସୂର୍ଯ୍ୟ ନାରାୟଣ ନାଇଡୁ କହିଛନ୍ତି। କଟକ ମହାନଗର ନିଗମ(ସିଏମ୍ସି) ପକ୍ଷରୁ ବୁଧବାର ସ୍ଥାନୀୟ ସହିଦ ଭବନରେ ସ୍ୱାୟତ୍ତ ଶାସନ ଦିବସ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ନାଇଡୁ ଯୋଗଦେଇ କହିଥିଲେ, କଟକର ପୂର୍ବାବସ୍ଥା ଫେରାଇ ଆଣିବା ପାଇଁ ମେୟର ପଦକ୍ଷେପ ନେବା ଦରକାର ବୋଲି କହିଥିଲେ। ଏଥିରେ ମେୟର ସୁବାସ ସିଂ ସଭାପତିତ୍ୱ କରିଥିଲେ। ଅନ୍ୟ ଅତିଥି ଭାବେ କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା ଯୋଗଦେଇ କହିଥିଲେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଟକକୁ ଗୁରୁତ୍ୱ ଦେଇଛନ୍ତି। ଏଠାରେ ଉନ୍ନୟନମୂଳକ କାର୍ଯ୍ୟ ଜାରି ରହିଛି। କଟକର ଉନ୍ନତି ପାଇଁ ସମସ୍ତେ ମିଳିମିଶି କାମ କରିବା ଆବଶ୍ୟକ। ବିଶେଷକରି ସିଏମ୍ସିର ୫୬, ୫୭, ୫୮ ଓ ୫୯ ନମ୍ବର ୱାର୍ଡକୁ ସ୍ୱତନ୍ତ୍ର ଦିଆଯିବା ଉପରେ ବେହେରା ଗୁରୁତ୍ୱାରୋପ କରିଥିଲେ। ସେହିପରି ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ କହିଥିଲେ, ନିରପେକ୍ଷ ଓ ସଚ୍ଚୋଟତାର ସହ ଆମେ ଠିକ୍ ଭାବେ କାର୍ଯ୍ୟ କଲେ ଆଗାମୀ ପିଢି ଆମଠାରୁ ପ୍ରେରଣା ପାଇବେ। ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମ ଯୋଗଦେଇ ସମସ୍ତ ପ୍ରତିନିଧି କଟକର ଅସୁବିଧା ଦୂର ପାଇଁ ଉଦ୍ୟମ କରିବା ଉଚିତ୍ ବୋଲି କହିଥିଲେ। ସେହିପରି ସିଏମ୍ସି କମିଶନର ନିଖିଲ ପୱନ କଲ୍ୟାଣ କହିଥିଲେ, ଆମ ନିକଟକୁ ଆସୁଥିବା ଅଭିଯୋଗକୁ ୨୪ ଘଣ୍ଟା ମଧ୍ୟରେ ସମାଧାନ କରିବାକୁ ଚେଷ୍ଟା କରିବୁ। ସିଏମ୍ସିର ନୂତନ ଆପ୍ ମାଧ୍ୟମରେ ଲୋକମାନଙ୍କୁ ୧୪ଟି ସେବା ମିଳିବ। ଡିସେମ୍ବର ସୁଦ୍ଧା ଏହି ଆପ୍ କାର୍ଯ୍ୟ ସରିବ। ଆସନ୍ତା ୧/୨ ବର୍ଷ ଭିତରେ ୩୮୫ କୋଟିର ପ୍ରକଳ୍ପ କାର୍ଯ୍ୟ ଶେଷ ହେବ ବୋଲି ସେ କହିଥିଲେ। ଏଥିରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଓ ସିଏମ୍ସି ଡେପୁଟି ମେୟର ଦମୟନ୍ତୀ ମାଝି ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରଫେସର ଡ. ନୀଳମାଧବ ରଥ, ଡ. ସତ୍ୟ ରାୟ, ଶିକ୍ଷାବିତ୍ ନଟବର ଶତପଥୀ, ସାମ୍ବାଦିକ ଦେବୁ ଚାଟାର୍ଜୀ, ଲେଖକ ପାବକ କାନୁନ୍ଗୋ, ଶିଳ୍ପୀ ରବି ନାରାୟଣ ରଥ, ସାମାଜିକ କର୍ମୀ ହେମନ୍ତ ଅଗ୍ରୱାଲା, ଅଲ୍ ଇଣ୍ଡିଆ ରେଡ଼ିଓର ପୂର୍ବତନ ନିର୍ଦ୍ଦେଶକ ଏ. ମହେଶ୍ୱର ରାଓ, ଆର୍ଟ ଆଣ୍ଡ କ୍ରାଫ୍ଟର ମହେନ୍ଦ୍ର ପ୍ରସାଦ ମହାପାତ୍ର, ସେକ୍ ଫୟାଜ, ଜ୍ୟୋତିସାଇ କରଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହ କରୋନା ଯୋଦ୍ଧା ସ୍ୱର୍ଗତ ବିଶ୍ୱନାଥ ଲେଙ୍କାଙ୍କୁ ମରଣୋତ୍ତର ସମ୍ମାନ ପ୍ରଦାନ କରାଯାଇଛି।



କଟକ ସହିଦ ଭବନରେ ଅନୁଷ୍ଠିତ ସମାରୋହରେ ସିଏମ୍ସି ମେୟର ସୁବାସ ସିଂ ବକ୍ତବ୍ୟ ଦେଉଛନ୍ତି।

### ୮ ପ୍ରକଳ୍ପ ଉଦ୍ଘାଟିତ

ସ୍ୱାୟତ୍ତଶାସନ ଦିବସ ଅବସରରେ ସିଏମ୍ସିର ବିଭିନ୍ନ ୱାର୍ଡରେ ପ୍ରକଳ୍ପଗୁଡିକର ଭିତ୍ତିପ୍ରସ୍ତର ସ୍ଥାପନ ଓ ଉଦ୍ଘାଟନ କରାଯାଇଥିଲା। କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଉଦ୍ଘାଟନ କରିଥିଲେ। ମୋଟ୍ ୮ଟି ପ୍ରକଳ୍ପ ଉଦ୍ଘାଟିତ ହୋଇଥିଲା। ସେଥିମଧ୍ୟରେ ସିଡିଏ ସେକ୍ଟର-୯ରେ ଥିବା କେନ୍ଦ୍ରୀୟ ଚାରା ବିକ୍ରୟ କେନ୍ଦ୍ର, ସିଡିଏ ସେକ୍ଟର-୮, ସେକ୍ଟର-୧୧, ତୁଳସୀପୁର, ଖାନ୍ନଗରରେ ପାର୍କ, ଷଣ୍ଢପୁରରେ ୬ ଶଯ୍ୟା ବିଶିଷ୍ଟର ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର, ନାକେଇ ପଡିଆଠାରେ ପାର୍କ ଓ ସାମଗ୍ରୀ ପୁନରୁଦ୍ଧାର ସୁବିଧାକେନ୍ଦ୍ର ଓ ବିକାଶ ଭବନ ନିକଟସ୍ଥ ପାର୍କିଂ ସ୍ଥାନ ରହିଛି।

## ତଦନ୍ତ ଦାୟିତ୍ୱ ନେଲେ ଡିଏସ୍ପି

### ଅଟୋ ଚାଳକ ହତ୍ୟା ମାମଲା

କଟକ ସଦର, ୩୧।୮(ଡି.ଏନ୍.ଏ.)

କିଶନନଗର ଥାନା ଅନ୍ତର୍ଗତ ପ୍ରହରାଜପୁର ଗ୍ରାମର ଅଟୋ ଚାଳକ ଅବ୍ଦୁଲ୍ କାଦର ହତ୍ୟା ମାମଲାର ତଦନ୍ତ ପାଇଁ ଡିଏସ୍ପି ରଣଜିତ୍ ପୃଷ୍ଟିଙ୍କୁ ଦାୟିତ୍ୱ ଦିଆଯାଇଛି। ମଙ୍ଗଳବାର ଓ ବୁଧବାର ସେ ଅଭିଯୁକ୍ତ ସେକ୍ ସକିଲଙ୍କ ଘରକୁ ଯାଇ ପଚରାଉଚରା କରିବା ସହ ବନ୍ଧୁବାନ୍ଧବଙ୍କ ଠିକଣା ସଂଗ୍ରହ କରିଥିଲେ। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କ ପାଖରେ ପହଞ୍ଚିବା ପାଇଁ ଡିଏସ୍ପି କୌଣସି ସୁରାକ୍ ନ ପାଇ ଫେରିଯାଇଥିଲେ। ତଦନ୍ତରେ ଲୋକମାନେ ସହଯୋଗ କଲେନାହିଁ। ତେଣୁ ଆଗାମୀ ଦିନରେ ଗିରଫ ୩ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଅଣାଯାଇ ପଲିଗ୍ରାଫ ଟେଷ୍ଟ କରାଯିବ ବୋଲି ପୃଷ୍ଟି କହିଛନ୍ତି। ଏହି ହତ୍ୟା ଘଟଣାର ତଦନ୍ତ ପ୍ରଥମେ ଥାନା ଅଧିକାରୀ ରଶ୍ମିରଞ୍ଜନ ଦାସ କରୁଥିଲେ। ଏଥିରେ ଗ୍ରାମବାସୀ ଓ ମୃତକଙ୍କ ସମ୍ପର୍କୀୟ ଅସନ୍ତୋଷ ପ୍ରକାଶ କରି ତଦନ୍ତକାରୀ ଅଧିକାରୀଙ୍କୁ ବଦଳାଇବା ପାଇଁ କଟକ ଗ୍ରାମାଞ୍ଚଳ ଏସ୍ପି ବି. ଯୁଗଳ କିଶୋରଙ୍କ ନିକଟରେ ଦାବି କରିଥିଲେ। ପରେ ତଦନ୍ତ ଦାୟିତ୍ୱ ଡିଏସ୍ପି ପୃଷ୍ଟିଙ୍କୁ ଦିଆଯାଇଥିଲା। ସୂଚନାଯୋଗ୍ୟ, ଗତମାସ ୧୦ ତାରିଖ ରାତିରେ ଅବ୍ଦୁଲ୍ଙ୍କ ଗଳା କାଟି ହତ୍ୟା କରାଯାଇଥିଲା। ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରାଯାଇଛି।

# ୧୬ ସ୍ୱୟଂସହାୟକ ଗୋଷ୍ଠୀକୁ କାର୍ଯ୍ୟାଦେଶ ବଣ୍ଟନ



ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଅନ୍ୟମାନେ।

ଆଠଗଡ଼,୩୧।୮(ସ୍ୱ.ପ୍ର.)

### ଆଠଗଡ ଏନଏସି ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ

ସର୍ବଭାରତୀୟ ସ୍ୱାୟତ୍ତ ଶାସନ ଦିବସ ଆଠଗଡ଼ ଏନ୍ଏସି ପକ୍ଷରୁ ଗୁରୁବାର ପାଳିତ ହୋଇଯାଇଛି। ସହର ମଧ୍ୟରେ ଥିବା ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପରେ ଅଧକ୍ଷା ସସ୍ମିତା ରାଉତ ପରିଷଦର କାର୍ଯ୍ୟାଳୟଠାରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ନିର୍ବାଚିତ ପ୍ରତିନିଧି ଓ କର୍ମଚାରୀମାନେ ନଗର ପରିକ୍ରମା କରିଥିଲେ। ପରେ ପରିଷଦ ପକ୍ଷରୁ ଆଠଗଡ଼ ସହର ଉପକଣ୍ଠ ମହିଳା ମହାବିଦ୍ୟାଳୟ ନିକଟସ୍ଥ ମିନି ଷ୍ଟାଡିୟମଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇଥିଲେ। ଆଠଗଡ ସହର ଉପକଣ୍ଠ କାଙ୍କଣ ଗାଡିଆ ଗାଁରେ ପରିଷଦ ଦ୍ୱାରା ୨.୫ କୋଟି ଟଙ୍କାରେ ନିର୍ମିତ ମଳ ଉପଚାର କେନ୍ଦ୍ରକୁ ଲୋକାର୍ପିତ କରିଥିଲେ। ପରେ ପରିଷଦର ପୂର୍ବତନ ଅଧକ୍ଷାଅଧକ୍ଷ ପର୍ଶୁରାମ ସାହୁ, ରମେଶ ଘଡ଼େଇ, ସ୍ୱର୍ଣ୍ଣ ମଞ୍ଜରୀ ଭଞ୍ଜ, ସୁଚିତ୍ରା ସାହୁ ସମେତ ପରିଷଦର ବରିଷ୍ଠ ନାଗରିକମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ୬୪ ଜଣ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା। ରାଜ୍ୟ ସରକାରଙ୍କ ମୁକ୍ତା ଯୋଜନା ମାଧ୍ୟମରେ ପରିଷଦର ବିଭିନ୍ନ ୱାର୍ଡର ୧୬ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ନିର୍ବାହୀ ଅଧିକାରୀ ଆଶାଲତା ରଚମାଲାଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମକୁ ବରିଷ୍ଠ ସହାୟକ ନିରଞ୍ଜନ ଦାସ ପରିଚାଳନା କରିଥିଲେ।

## ରାସ୍ତା ଖରାପରୁ ଓଲଟିଲା ଆଜବେଷ୍ଟସ୍ ବୋଝେଇ ଗାଡ଼ି

ତିଗିରିଆ, ୩୧।୮ (ଡି.ଏନ.ଏ.)

ତିଗିରିଆ ନିଜିଗଡ଼ଠାରୁ ଅଚଳକୋଟ ଦେଇ ଢ଼େଙ୍କାନାଳକୁ ସଂଯୋଗ କରୁଥିବା ଗ୍ରାମ ଉନ୍ନୟନ ରାସ୍ତା ଖରାପ ଯୋଗୁ ଏକ ଆଜବେଷ୍ଟସ୍ ବୋଝେଇ ଟ୍ରକ ଭାରସାମ୍ୟ ହରାଇ ଓଲଟି ପଡ଼ିଛି। ଗାଡ଼ି ଚାଳକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଆଜବେଷ୍ଟସ୍ ବୋଝେଇ ଏହି ଗାଡ଼ିଟି ଢ଼େଙ୍କାନାଳରୁ ନୟାଗଡ଼ ବାଲୁଗାଁକୁ ଯାଉଥିଲା। ଉକ୍ତ ରାସ୍ତାର ନିଜିଗଡ଼ ଶବରସାହି ନିକଟରେ ରେଙ୍ଗାଲି ଦକ୍ଷିଣ କେନାଲ ପ୍ରକଳ୍ପ ରାସ୍ତା ତାଡ଼ି ଭୂତଳ କେନାଲ ନେଇଥିବା ସ୍ଥାନରେ ଏହି ଦୁର୍ଘଟଣା ଘଟିଛି। ଏଠାରେ ରେଙ୍ଗାଲି କର୍ତ୍ତୃପକ୍ଷ ପ୍ରାୟ ୨ବର୍ଷରୁ ଉର୍ଦ୍ଧ୍ୱ ହେବ ଭୂତଳ କେନାଲ ନିର୍ମାଣ ସାରି ତାହା ଉପରେ ମାଟି ପକାଇ କାମ ସାରି ଦେଇଛି। ପୂର୍ବରୁ ଉକ୍ତ ଗ୍ରାମ ଉନ୍ନୟନ ରାସ୍ତାଟି ପିଚୁ ସଡ଼କ ଥିଲା। ରାସ୍ତାକୁ ଅତିକ୍ରମ କରି ଭୂତଳ କେନାଲ କାମ ସରିଥିଲେ ମଧ୍ୟ ମାଟି ରାସ୍ତାରେ ରହିଛି। ଉକ୍ତ ସ୍ଥାନରେ ବୁଲାଣି ଥିବା ସହ ମାଟି ରାସ୍ତା ଯୋଗୁ ଅଧିକାଂଶ ଭାରିଯାନ ଚକ ଦବି ଯାଉଛି।

# ମା’ ଆଣିଲେ ହତ୍ୟା ଅଭିଯୋଗ

କଣ୍ଟାପଡା, ୩୧।୮(ଡି.ଏନ୍.ଏ.)

### ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ଜଗତ୍ସିଂହପୁର ଜିଲା ରଘୁନାଥପୁର ଥାନା ଅଧୀନ ସାଦେଇପୁର ଗ୍ରାମର ବିକ୍ରମ ସ୍ୱାଇଁଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ତାଙ୍କୁ ସ୍ତ୍ରୀ ଓ ଶାଶୁଘର ଲୋକେ ମାରିଦେଇଥିବା ତାଙ୍କ ମା’ ହେମଲତା ସ୍ୱାଇଁ ଗୁରୁବାର ଓଲଟପୁର ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ହତ୍ୟା ମାମଲା(ନଂ.୯୩/୨୨) ରୁଜୁ କରିଛି। ବିକ୍ରମ କିଛିବର୍ଷ ପୂର୍ବେ କଟକ ସଦର ଥାନା ଅଧୀନ ଗଙ୍ଗେଶ୍ୱରଗଡ ଗ୍ରାମର ବିଜୟ ପାତ୍ରଙ୍କ ଝିଅ ଗୀତାଞ୍ଜଳିଙ୍କୁ ପ୍ରେମ ବିବାହ କରିଥିଲେ। ପରେ ବିକ୍ରମ ଓ ଗୀତାଞ୍ଜଳି ଓଲଟପୁର ଥାନାସ୍ଥିତ ଦେଉଳି ଗ୍ରାମରେ ଘର କରି ରହୁଥିଲେ। ୧ମାସ ତଳେ ପାରିବାରିକ କଳହ ଯୋଗୁ ଗୀତାଞ୍ଜଳି ଓଲଟପୁର ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ବିକ୍ରମଙ୍କୁ ଗିରଫକରି କୋର୍ଟ ଚାଲାଣ କରିଥିଲା। ଗତ ଅଗଷ୍ଟ ୨୭ ତାରିଖରେ ବିକ୍ରମ ଜାମିନ୍ରେ ଆସି ସାଦେଇପୁରରେ ରହୁଥିଲେ। ୨୯ ତାରିଖରେ ଦେହ ଅସୁସ୍ଥ ଥିବା ଦର୍ଶାଇ ଫୋନ୍ କରିବାରୁ ବିକ୍ରମ ଗୀତାଞ୍ଜଳିଙ୍କ ନିକଟକୁ ଆସିଥିଲେ। ପରଦିନ ବିକ୍ରମ ପୁନର୍ବାର ଝଗଡା କରିବାରୁ ତାଙ୍କୁ ବାଡେଇବା ସହ ଅତ୍ତଶପୁର ମେଡିକାଲକୁ ନେଇଯାଉଛୁ ବୋଲି ଗୀତାଞ୍ଜଳି, ଶ୍ୱଶୁର ବିଜୟ ପାତ୍ର, ଶାଳକ ବିକ୍ରମ ପାତ୍ର ଓ ତାଙ୍କ ଡ୍ରାଇଭର ଫୋନ୍ କରି ବିକ୍ରମଙ୍କ ପରିବାର ଲୋକଙ୍କୁ ଜଣାଇବା ସହ ତୁରନ୍ତ ମେଡିକାଲରେ ପହଞ୍ଚିବା ପାଇଁ କହିଥିଲେ। ରାତି ହୋଇଥିବାରୁ ବିକ୍ରମଙ୍କ ପରିବାର ଲୋକ ଉକ୍ତ ଦିନ ସେଠାରେ ପହଞ୍ଚି ପାରି ନଥିଲେ। ଅବସ୍ଥା ଗୁରୁତର ହେବାରୁ ବିକ୍ରମଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧିନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ମଙ୍ଗଳାବାଗ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି। ପୁଅକୁ ତାଙ୍କ ଶ୍ୱଶୁର ଘର ଲୋକେ ଆକ୍ରମଣ କରିବାରୁ ମୃତ୍ୟୁ ଘଟିଛି ବୋଲି ହେମଲତା ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଏ ସମ୍ପର୍କରେ କଟକ ସଦର ଏସ୍ଡିପିଓ ସୁବାସ ଚନ୍ଦ୍ର ପଣ୍ଡା କହିଛନ୍ତି, ଅଭିଯୋଗ ଅନୁଯାୟୀ ହତ୍ୟା ମାମଲା ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ତଦନ୍ତରେ ସହାୟକ ହେବ।

## ଟ୍ରକ୍ ଚକାତଳେ ଚାପିହୋଇ ଯୁବକ ମୃତ

କଣ୍ଟାପଡା, ୩୧।୮(ଡି.ଏନ୍.ଏ.)

ଫୁଲନଖରା-ନିଆଳି ରାସ୍ତାର ଅଡଶପୁର ବଜାରରେ ବୁଧବାର ଏକ ମାଲ୍ବାହୀ ଟ୍ରକ ଚକାତଳେ ଚାପିହୋଇ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କାକଟପୁର ଥାନା ଅଧୀନ ନରଣପୁର ଗ୍ରାମର ଚିତ୍ତରଞ୍ଜନ ମୁଦୁଲି। ଏଥିରେ ଗୁରୁତ୍ୱର ହୋଇଥିବା ନିଆଳି ଥାନା ଅଧୀନ ମହଙ୍ଗପଡା ଗ୍ରାମର ରାଜେନ୍ଦ୍ର ପ୍ରଧାନଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୋମବାର ଚିତ୍ତରଞ୍ଜନ ମହଙ୍ଗପଡାସ୍ଥିତ ମାମୁଘରକୁ ବୁଲିବାକୁ ଆସିଥିଲେ। ବୁଧବାର ସେ ଓ ରାଜେନ୍ଦ୍ର ଏକ ବାଇକ୍ରେ ଅଡଶପୁର ବୁଲିବାକୁ ଆସିଥିଲେ। ସେଠାରୁ ଅପରାହ୍ନ ପ୍ରାୟ ୧ଟାରେ ସେମାନେ ମହଙ୍ଗପଡା ଫେରୁଥିବାବେଳେ ଅଡଶପୁର ବଜାରରେ ଉକ୍ତ ଟ୍ରକ୍ ସେମାନଙ୍କୁ ଓଭରଟେକ୍ କରି ଆଗକୁ ଯାଇଥିଲା। ରାସ୍ତାପାର୍ଶ୍ୱରେ ଜବରଦଖଲ ହୋଇଥିବାରୁ ଚିତ୍ତରଞ୍ଜନ ବାଇକ୍ ଅଟକାଇବାକୁ ଅସମର୍ଥ ହୋଇଥିଲେ। ତାଙ୍କ ଶାର୍ଟ ଟ୍ରକ୍ର ହୁକ୍ରେ ଲାଗିଯିବାରୁ ସେ ଭାରସାମ୍ୟ ହରାଇ ତଳେ ପଡିଯାଇଥିଲେ। ଏହି ସମୟରେ ଟ୍ରକ ଚକ ତାଙ୍କ ମୁଣ୍ଡ ଉପରେ ମାଡି ଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ବାଇକ୍ରେ ବସିଥିବା ରାଜେନ୍ଦ୍ର ପଡିଯାଇ ଗୁରୁତର ହୋଇଥିଲେ। ଦୁର୍ଘଟଣା ପରେ ଚାଳକ ଟ୍ରକ୍କୁ ମଉଜପୁର ନିକଟରେ ରଖି ଫେରାର ହୋଇଯାଇଥିଲେ। ଓଲଟପୁର ପୋଲିସ ପହଞ୍ଚି ମୃତଦେହ ଜବତ କରି ଅଡଶପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ଏଥିସହ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟି ଜବତ କରିଛି। ଚିତ୍ତରଞ୍ଜନଙ୍କ ସମ୍ପର୍କୀୟ ସୁକେଶ ମୁଦୁଲି ଅଭିଯୋଗ କରିବା ପରେ ପୋଲିସ ମାମଲା(ନଂ.୯୨/୨୨) ରୁଜୁ କରିଛି।

# ରାସାୟନିକ କାରଖାନା ନିର୍ମାଣକୁ ବିରୋଧ

### ବ୍ୟାପକ ଭଙ୍ଗାରୁଜା କଲେ ଅଞ୍ଚଳବାସୀ

ବାଙ୍କୀ,୩୧।୮ (ସ୍ୱ.ପ୍ର.)

କଟକ ଜିଲା ଡମପଡ଼ା ବ୍ଲକ ଅନ୍ତର୍ଗତ ବାଆଁରା ପଞ୍ଚାୟତର ନୂଆସାହିରେ ନିର୍ମାଣ ହେଉଥିବା ରାସାୟନିକ କାରଖାନାକୁ ଗୁରୁବାର ସ୍ଥାନୀୟ ଅଞ୍ଚଳବାସୀ ବିରୋଧ କରିଛନ୍ତି। ପ୍ରସ୍ତାବିତ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଚାଲୁ ହେବାରୁ ସେଠାରେ ଲୋକମାନେ ପହଞ୍ଚି ବ୍ୟାପକ ଭଙ୍ଗାରୁଜା କରିଛନ୍ତି। ବିନା ଜନଶୁଣାଣିରେ ଉକ୍ତ ଜାଗାକୁ ଡମପଡ଼ା ତହସିଲ ସମ୍ପୃକ୍ତ ସଂସ୍ଥାକୁ କାରଖାନା ନିର୍ମାଣ କରିବାକୁ ଅନୁମତି ଦେଇଥିବାରୁ ଜନ ଆକ୍ରୋଶ ସୃଷ୍ଟି ହୋଇଛି।

ନୂଆସାହି ଅଞ୍ଚଳରେ ରାସାୟନିକ କାରଖାନା ନିର୍ମାଣ ପାଇଁ ଡମପଡ଼ା ତହସିଲ ସମ୍ପୃକ୍ତ କମ୍ପାନୀଙ୍କୁ ଜମି ହସ୍ତାନ୍ତର କରିଛି। ଜନସାଧାରଣଙ୍କ ଅଭିଯୋଗ ମୁତାବକ, ତହସିଲ ପ୍ରଶାସନ ସ୍ଥାନୀୟ ଲୋକଙ୍କୁ ନେଇ ଜନଶୁଣାଣି ନ କରି ତାହା ହସ୍ତାନ୍ତର କରିଛନ୍ତି। ଏ ସମ୍ପର୍କରେ ଗ୍ରାମବାସୀ ତହସିଲଦାରଙ୍କୁ ଭେଟି ଆପତ୍ତି ଅଭିଯୋଗ କରିବା ସହ ଘଟଣାର ସମାଧାନ ନ ହେବା ପର୍ଯ୍ୟନ୍ତ ପ୍ରକଳ୍ପକୁ ସ୍ଥଗିତ ରଖିବାକୁ ଅନୁରୋଧ କରିଥିଲେ। ପ୍ରକଳ୍ପ ନିର୍ମାଣ ହେଉଥିବା ଜାଗାରେ ଗୋରୁ ଚରିବା ସହ ବନ୍ୟା ସମୟରେ ସେଠାରେ ଅଞ୍ଚଳବାସୀ ଆଶ୍ରୟ ନେଇଥାନ୍ତି ବୋଲି ଗ୍ରାମବାସୀ କହିଛନ୍ତି। ରାସାୟନିକ କାରଖାନା ନିର୍ମାଣ କରୁଥିବା ସଂସ୍ଥା ଲୋକମାନଙ୍କ ସମସ୍ୟା ଓ ଅଭିଯୋଗ ପ୍ରତି ଦୃଷ୍ଟି ନ ଦେଇ କାର୍ଯ୍ୟ ଆରମ୍ଭ କରୁଛି। ଯାହାକୁ ନେଇ ନୂଆସାହିରେ ଜନଅସନ୍ତୋଷ ଦେଖିବାକୁ ମିଳିଛି। ପ୍ରଶାସନ ଜନସାଧାରଣଙ୍କ ଅଭିଯୋଗକୁ ଗୁରୁତ୍ୱ ନ ଦେବାରୁ ଶତାଧିକ ଲୋକ ଉତ୍ୟକ୍ତ ହୋଇ ନିର୍ମାଣ କାର୍ଯ୍ୟକୁ ଭଙ୍ଗାରୁଜା କରିଥିଲେ। ପ୍ରକଳ୍ପକୁ ସ୍ଥଗିତ ରଖିବାକୁ ସେମାନେ ପ୍ରଶାସନକୁ ଚେତାବନୀ ଦେଇଛନ୍ତି। ଏହି ନିର୍ମାଣାଧୀନ କମ୍ପାନୀ ଅନତି ଦୂରରେ ଡମପଡା-ଚନ୍ଦକା ଅଭୟାରଣ୍ୟ ଅବସ୍ଥିତ। ଯଦି ଏଠାରେ ରାସାୟନିକ କାରଖାନା କରାଯାଏ ତେବେ ପରିବେଶ ଉପରେ ପ୍ରଭାବ ପଡିବା ସହ ଜୈବ ବିବିଧତା ନଷ୍ଟ ହେବ। କାରଖାନା ନିର୍ମାଣ ପାଇଁ ପରିବେଶ ମଞ୍ଜୁରୀ ନ ପାଇ, ସ୍ଥାନୀୟ ଜନସାଧାରଣଙ୍କ ଅଭିଯୋଗକୁ ଗୁରୁତ୍ୱ ନ ଦେଇ, ଜନଶୁଣାଣି ନ କରି ଏହି ଜମିକୁ ପ୍ରଶାସନ ପକ୍ଷରୁ କିଭଳି ହସ୍ତାନ୍ତର କରାଗଲା ସେ ସମ୍ପର୍କରେ ଜନସାଧାରଣ ରାଜ୍ୟ ସରକାର ଓ ୫-ଟି କୁ ପ୍ରଶ୍ନ କରିଛନ୍ତି। ଏ ସମ୍ପର୍କରେ ବାଙ୍କୀ ଉପଜିଲାପାଳ ରଞ୍ଜନ କୁମାର ଜେନାଙ୍କୁ ପଚାରିବାରୁ ସେଠାକାର ଜନସାଧାରଣ ଏ ସମ୍ପର୍କରେ ଅଭିଯୋଗ କରିଥିଲେ। ତାହା ତଦନ୍ତ ପ୍ରକ୍ରିୟା ମଧ୍ୟରେ ରହିଛି । ତଦନ୍ତ ପରେ ପ୍ରକୃତ ତଥ୍ୟ ଜଣାପଡିବ ବୋଲି ସେ କହିଛନ୍ତି।



ନୂଆସାହିରେ ନିର୍ମାଣ ହେଉଥିବା ରାସାୟନିକ କାରଖାନାକୁ ଅଞ୍ଚଳବାସୀ ଭଙ୍ଗାରୁଜା କରୁଛନ୍ତି।



କଟକ ଜିଲା ଟାଙ୍ଗୀସ୍ଥିତ ଡ୍ରିମ୍ସ ଶିକ୍ଷାନୁଷ୍ଠାନରେ ଗଣେଶ ପୂଜା।



କଟକ ଲିଙ୍କ୍ରୋଡ଼ସ୍ଥିତ ସୂର୍ଯ୍ୟବିହାର ଜେନିଥ କ୍ଲବରେ ଗଣେଶ ପୂଜା।



କଟକ ଯୋବ୍ରାସ୍ଥିତ ଜୟ ହନୁମାନ କ୍ଲବରେ ପୂଜା ପାଉଥିବା ଗଜାନନ।